ଧରିତ୍ରୀ
DHARITRI
September 30- October 6, 2018 ₹ 2/-

# ଛୁଟିଦିନ

## ଅଜବ ପରମ୍ପରା





୪
ପ୍ରଚ୍ଛଦ ପ୍ରସଙ୍ଗ



ସଂସ୍କୃତିର ଦେଶ ଭାରତରେ ଏମିତି ବି କିଛି ସ୍ଥାନ ଅଛି, ଯେଉଁଠି ଧର୍ମ ଓ ରୀତିନୀତି ନାଁରେ ଏଭଳି ପରମ୍ପରା ପାଳନ କରାହୁଏ, ଯାହା ଲାଗେ ଖୁବ୍ ଅଜବ। ଅଜବ ହେଲେ ବି ଏଥିରେ ଭରି ରହିଥାଏ ଲୋକମାନଙ୍କର ବିଶ୍ୱାସ ଓ ଧାର୍ମିକ ଭାବନା, ଯାହାକୁ ଭାଙ୍ଗିବା ସହଜ ନୁହେଁ.....


୮/୯
ସିନେମା

୧୩
ସହରଠୁ ଦୂର





# କ'ଣ କୁହେ ଆପଣଙ୍କ ବଡି ଲାଙ୍ଗୁଏଜ୍ ?



**ଶାରୀରିକ ଭାଷା ବା ବଡି ଲାଙ୍ଗୁଏଜ୍ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ଉପରେ ବେଶ୍ ପ୍ରଭାବ ପକାଇଥାଏ। ତେବେ ଏହା ତାଙ୍କ ବ୍ୟକ୍ତିତ୍ୱ ବିଷୟରେ କ'ଣ ସୂଚନା ଦେଇଥାଏ ସେ ସମ୍ପର୍କରେ....**

* କଥା ହେବା ବେଳେ ସାମ୍ନା ବ୍ୟକ୍ତିଙ୍କ ଆଖିକୁ ବା ମୁହଁକୁ ଚାହିଁ କଥା ହେବା ଆପଣଙ୍କ ଦୃଢ ଆତ୍ମବିଶ୍ୱାସ ସମ୍ପର୍କରେ ସୂଚନା ଦେଇଥାଏ।

* ସର୍ବଦା ହସ ହସ ମୁହଁରେ କଥା ହେଉଥିବା ବ୍ୟକ୍ତି ସାମ୍ନା ବ୍ୟକ୍ତିଙ୍କ ସହ କଥା ହେବା ଇଚ୍ଛାକୁ ଜାହିର କରିବା ସହିତ ତାଙ୍କ ଖୁସିକୁ ମଧ୍ୟ ପରିପ୍ରକାଶ କରିଥାଏ।

* ଆପଣଙ୍କ ନାକ ମଧ୍ୟ ଆପଣଙ୍କ ବଡି ଲାଙ୍ଗୁଏଜ ବିଷୟରେ ବହୁତ କିଛି କହିଥାଏ। କଥା ହେବା ସମୟରେ ବାରମ୍ବାର ନାକକୁ ଛୁଅନ୍ତୁ ନାହିଁ ବା ତାକୁ ମଛନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ଆପଣ ନିଜକୁ ସାମ୍ନା ବ୍ୟକ୍ତିଙ୍କଠାରୁ ଅଧିକ ବୁଦ୍ଧିମାନ୍ ମନେକରୁଛନ୍ତି ବୋଲି ଦର୍ଶାଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୩୦-ଅକ୍ଟୋବର ୬

**ମେଷ**
ଶାରୀରିକ ସୁସ୍ଥତା, ଆର୍ଥିକ ଉନ୍ନତି, କର୍ମରେ ଉତ୍ସାହ, ବନ୍ଧୁଙ୍କ ପ୍ରେରଣା ଲାଭ, ସମସ୍ୟାର ସମାଧାନ, ଖୋଜୁଥିବା ଜିନିଷ ପାଇବେ। ମନୋବଳ ବୃଦ୍ଧି ପାଇବ। ରବି ଓ ବୁଧବାର ବନ୍ଧୁଙ୍କ ସହ ମତାନ୍ତର, ପରୋକ୍ଷ ଶତ୍ରୁତା, କାର୍ଯ୍ୟହାନି।

**ବୃଷ**
ଶୁଭ ଖବର ପାଇବେ, ପାରିବାରିକ ଶାନ୍ତି, ଭୋଗବିଳାସର ମଉକା ପାଇବେ, ନୂତନ ବସ୍ତ୍ରଭୂଷଣ ପ୍ରାପ୍ତି, ଗୁରୁବାର ଆକସ୍ମିକ ସମସ୍ୟା, ଧନ ବ୍ୟୟ, ମନରୁ ସରସତା ଉଭେଇ ଯିବ, ସମାଲୋଚିତ ହୋଇପାରନ୍ତି।

**ମିଥୁନ**
ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ, ଧର୍ମକାର୍ଯ୍ୟ ପ୍ରତି ରୁଚି, ଶାରୀରିକ ସୁସ୍ଥତା, ଖୁସିର ଆସର ଜମିପାରେ, ମାନସିକ ସ୍ତରରେ ଶାନ୍ତି, ସୋମବାର ଶତ୍ରୁତା ଓ କଳହ, ପାଦରେ ଆଘାତ ଲାଗିବ।

**କର୍କଟ**
ସ୍ଥଗିତ କାମ ତ୍ୱରାନ୍ୱିତ ହେବ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେବେ, ଦୂରଯାତ୍ରା କରିବେ, ନୂତନ ଯାନ୍ତ୍ରିକ ଦ୍ରବ୍ୟ ଲାଭ, ଶନିବାର କର୍ମକ୍ଷେତ୍ରରେ ଚାପ ବୃଦ୍ଧି ପାଇବ, ମାତ୍ର ଅର୍ଥ ସଙ୍କଟ ଟଳିଯିବ।

**ସିଂହ**
କର୍ମକ୍ଷେତ୍ରରେ ସମ୍ମାନିତ ହେବେ, ଅର୍ଥନୈତିକ ଅଭିବୃଦ୍ଧି, ଆତ୍ମୀୟ ସ୍ୱଜନଙ୍କ ଅସହଯୋଗ, ଜମିଜମା କାରବାରରେ ଲାଭ, ସୋମବାର–ଧନହାନି, ଭୁଲ୍ ବୁଝାମଣା ଓ କଳହ।

**କନ୍ୟା**
ସମସ୍ୟାର ସରଳ ସମାଧାନ, ରପ୍ତାନି ବାଣିଜ୍ୟରେ ଉନ୍ନତି, ବନ୍ଧୁ ମିଳନ, ଉଚ୍ଚବର୍ଗଙ୍କ ସହାୟତା, ଦୁଃସାଧ କାର୍ଯ୍ୟ କରିବେ,ସ୍ୱାସ୍ଥ୍ୟହାନି, ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ତୁଳା**
ଉଚ୍ଚଚିନ୍ତା କରିବେ, ନୂତନ ଯୋଜନାରେ ଅଗ୍ରଗତି, ଋଣସୂତ୍ରରେ ଅର୍ଥଲାଭ, ଗୃହସୀମାକୁ ନେଇ ବିବାଦ, ଘର କାମରେ ବ୍ୟସ୍ତତା ବୃଦ୍ଧି, । ଶୁକ୍ରବାର ବନ୍ଧୁଙ୍କ ସହ ମନୋମାଳିନ୍ୟ, ସଙ୍ଗଦୋଷରୁ ସମାଲୋଚନା।

**ବିଛା**
ବନ୍ଧୁମାନଙ୍କ ସାହାଯ୍ୟ, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ, ଆଇନ ସହାୟତା, ଗୁରୁବର୍ଗଙ୍କ ପ୍ରଶଂସା, ପଦମର୍ଯ୍ୟଦା ବୃଦ୍ଧି, କଳା, ସାହିତ୍ୟରେ ଉନ୍ନତି, ବୁଧବାର ବନ୍ଧୁବିରୋଧ, କାର୍ଯ୍ୟହାନି। ପରିବାରରେ ଝଡ଼।

**ଧନୁ**
ପ୍ରଶଂସନୀୟ କାମ କରିବେ, ଖୁସିର ଆସର ଜମିପାରେ, ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ। ଖୋଜୁଥିବା ଜିନିଷ ପାଇବେ, ସୋମବାର ସୁସମ୍ପର୍କ ବ୍ୟାହତ ହେବ, କୌଣସି ଭୁଲ କାମ କରିପାରନ୍ତି।

**ମକର**
ମନ ଭଲ ରହିବ, ବୈଷୟିକ ଅଭିବୃଦ୍ଧି, ସଭାସମିତିକୁ ନିମନ୍ତ୍ରଣ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ, ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ରବିବାର ପିଲାଙ୍କ ବିଶୃଙ୍ଖଳାରୁ ଦୁଶ୍ଚିନ୍ତା, ଖର୍ଚ୍ଚ ପରିମାଣ ବୃଦ୍ଧିପାଇବ।

**କୁମ୍ଭ**
ପାରିବାରିକ ସମସ୍ୟା, ପ୍ରିୟଜନଙ୍କ ସ୍ୱାସ୍ଥ୍ୟହାନି, ଯାତ୍ରାରେ କଳହ, କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ଭିଜିଲାନ୍ସ ସାମନାର ଆଶଙ୍କା, ସେବା ଓ ପରୋପକାର। ପ୍ରକାଶନରେ ଦ୍ୱନ୍ଦ୍ୱ, ବୁଧବାର ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରା ସ୍ଥଗିତ, ଅପ୍ରିୟସତ୍ୟ ଭାଷଣରୁ କଳହ।

**ମୀନ**
ପ୍ରତିବନ୍ଧକ ଦୂରେଇଯିବ, ବନ୍ଧୁ ମିଳନ, ନୂତନ କାର୍ଯ୍ୟାରମ୍ଭ, ଅଜୀର୍ଣ୍ଣ ପୀଡ଼ା, ଅତୀତ ଘଟଣାର ଅନୁଚିନ୍ତା, କଳହ, ପ୍ରତିଯୋଗିତାରେ ସଫଳତା, ଶୁକ୍ରବାର ଆମୋଦ ପ୍ରମୋଦର ସୁଅ ଛୁଟିବ, ସାହାଯ୍ୟ ସହଯୋଗ ପାଇବେ।

# ମ୍ୟୁଜିୟମ ଅଫ୍ ଇଲ୍ୟୁଜନ୍

ବ୍ୟସ୍ତବହୁଳ ଜୀବନ ମଧ୍ୟରେ କିଛି ମୁହୂର୍ତ୍ତ ଆମୋଦ ପ୍ରମୋଦରେ କଟାଇବା ପାଇଁ ଲୋକେ ଖୋଜିଥାନ୍ତି ଏମିତି କିଛି ସ୍ଥାନ ଯେଉଁଠି ସେମାନେ ଜୀବନକୁ ମନଭରି ଉପଭୋଗ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ନିକଟରେ ନ୍ୟୁୟର୍କଠାରେ ଉଦ୍‌ଘାଟିତ ହୋଇଛି ଏଭଳି ଏକ ସ୍ଥାନ ଯାହାକୁ କୁହାଯାଉଛି 'ମ୍ୟୁଜିୟମ ଅଫ୍ ଇଲ୍ୟୁଜନ୍'। ଏହି ନିଆରା ମ୍ୟୁଜିୟମରେ ରହିଛି ଗଣିତ, ବିଜ୍ଞାନ, ମନୋବିଜ୍ଞାନ, ଜୀବବିଜ୍ଞାନ ସମ୍ବଳିତ ୭୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ। ଏହାବ୍ୟତୀତ ରହିଛି ମଧ୍ୟ ଯାଦୁକରୀ ଗୃହ, କାଚର ମାୟାଗୃହ, ଶିକ୍ଷଣୀୟ ଖେଳ କକ୍ଷ ଏବଂ ପ୍ରହେଳିକା ଖେଳ ଆଦି।



୪୫୦୦ ବର୍ଗ ଫୁଟ ପରିମିତ ଅଞ୍ଚଳରେ ନିର୍ମିତ ହୋଇଥିବା ଏହି ମ୍ୟୁଜିୟମରେ ଦର୍ଶକଙ୍କ ମନୋରଞ୍ଜନ ସକାଶେ ରହିଛି ଟିଲ୍‌ଟେଡ୍ ରୁମ୍, ଯେଉଁଥିରେ ଦର୍ଶକମାନେ ଗଡ଼ାଣିଆ ଚଟାଣରେ ବାଲାନ୍ସ କରି ଚାଲିବାକୁ ଚେଷ୍ଟା କରନ୍ତି। ସେହିଭଳି ଆଉ



ଏକ କକ୍ଷ ଯାହାର ନାଁ ରହିଛି ଇନ୍‌ଫିନିଟି ରୁମ୍। ଏହି ଗୃହରେ ଅନେକ ଦର୍ପଣ ଖଞ୍ଜାଯାଇଛି ଯାହା ଭିତରେ ପ୍ରବେଶ କଲେ ଦର୍ଶକଙ୍କ ଅନେକ ମଜାଦାର ପ୍ରତିବିମ୍ବ ପ୍ରତିଫଳିତ ହୋଇଥାଏ। ଏହା ବ୍ୟତୀତ ଏଠାରେ ଅଛି ଏମ୍ସ ରୁମ୍, ରୋଟେଟେଡ୍ ରୁମ୍ ଇତ୍ୟାଦି । ତେବେ ପାରିବାରିକ ମନୋରଞ୍ଜନ ସକାଶେ ଏହା ଏକ ଉତ୍କୃଷ୍ଟ ସ୍ଥାନ ବୋଲି ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମତ ଦିଅନ୍ତି।

# ପାଠକୀୟ

❖ କିଏ କହେ ଏହା ଏକ ପ୍ରକୃତି ପ୍ରଦତ୍ତ ଆଶ୍ରୟସ୍ଥଳ ତ କିଏ କହେ ତାହା ମୁନିଋଷିଙ୍କ ତପୋଭୂମି। ଆଉ କିଏ କହେ ଏହା ଥିଲା ରାଜା ମହାରାଜାଙ୍କ ଗୁପ୍ତ ପଥ। କିଛି ଗୁମ୍ଫା ଲାଗିଥାଏ ପ୍ରକୃତିର ଗୋଟିଏ ଗୋଟିଏ ବିସ୍ମୟ ପରି। ଯିଏ ଜାବୁଡ଼ି ଧରିଥାଏ ଅନେକ କଥା, କିମ୍ବଦନ୍ତୀ ଓ ଇତିହାସକୁ। ଓଡ଼ିଶାର ସେମିତି କେତୋଟି ବିସ୍ମୟକର ଗୁମ୍ଫାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ରହସ୍ୟମୟ ଗୁମ୍ଫା' ଅନେକ ଅଜଣା କଥା ସମ୍ପର୍କରେ ଆମକୁ ଅବଗତ କରାଇଲା। 'ଶୁଭ ଫଳ ପାଇଁ କଏନ୍' ଏବଂ 'ଘୂର୍ଣ୍ଣାୟମାନ ରେଷ୍ଟୁରାଣ୍ଟ' ଆଦି ପାଠଦୁଇଟି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ରାହାସ ବିହାରୀ ପଟ୍ଟନାୟକ, ବାଦାମବାଡ଼ି, କଟକ*

❖ ଗୁମ୍ଫା, ଯାହାର ଘନ ଅନ୍ଧକାର ମଧ୍ୟରେ ଲୁଚି ରହିଥାଏ ଅନେକ ରହସ୍ୟ। କିଛି ଗୁମ୍ଫା ତ ଲାଗିଥାଏ ପ୍ରକୃତିର ଗୋଟେ ଗୋଟେ ବିସ୍ମୟ ପରି। ଅନେକ କଥା, କିମ୍ବଦନ୍ତୀ ଓ ଇତିହାସକୁ ଜାବୁଡ଼ି ଧରିଥାଏ ଏହାର କାଳିମାଭରା ଘନ ଅନ୍ଧକାର। ଓଡ଼ିଶାର ସେମିତି କିଛି ଗୁମ୍ଫାର ରହସ୍ୟ ରୋମାଞ୍ଚଭରା କାହାଣୀକୁ ନେଇ ପ୍ରଚ୍ଛଦ ପ୍ରସଙ୍ଗ 'ରହସ୍ୟମୟ ଗୁମ୍ଫା' ପଢିଲି। ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା ଏହି ଆଲେଖ୍ୟଟି। ବ୍ୟକ୍ତିତ୍ୱ ପୃଷ୍ଠାରୁ କଥକ ନୃତ୍ୟଶିଳ୍ପୀ ସୀତାରା ଦେବୀଙ୍କ ଜୀବନୀ ବିଷୟରେ ଜାଣିବାର ସୁଯୋଗ ମିଳିଲା। ସୃଜନ ଓ ସିନେମା ପୃଷ୍ଠାଟି ବେଶ୍ ମନଛୁଆଁ ହୋଇପାରୁଛି।

*–ମମତା ମହାନ୍ତି, ବାଲିପାଟଣା, ଖୋର୍ଦ୍ଧା*

❖ ପ୍ରାବନ୍ଧିକ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗରେ ଉପନିର୍ଦ୍ଦେଶକ ଏବଂ ଉପଶାସନ ସଚିବ ଭାବେ କାର୍ଯ୍ୟରତ ବରଦା ପ୍ରସନ୍ନ ଦାସଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋତେ ବହୁତ ଭଲ ଲାଗିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ରଫଲ୍ସ ଫ୍ୟାଶନ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା। ସାଥୀ ସ୍ତମ୍ଭର ମୁଁ ଜଣେ ବିଦଗ୍ଧ ପାଠକ।

*–ଦେବବ୍ରତ ଷଡ଼ଙ୍ଗୀ, ବଡ଼ଶଙ୍ଖ, ପୁରୀ*

❖ ହାଃ ହାଃ ବେଶ୍ ମଜାଦାର୍ ହୋଇପାରୁଛି। ପାହାଡୀ ଗାଁ ମୋଙ୍ଗପୋଙ୍ଗ ସମ୍ପର୍କରେ ଅନେକ ଅଜଣା ତଥ୍ୟ ଜାଣିବାକୁ ପାଇଲି। ବିବିଧା ପୃଷ୍ଠାରେ ସ୍ଥାନିତ 'ହୋଟେଲ୍ ଯେଉଁଠି ଡାଇନୋସର୍ କରନ୍ତି ସ୍ୱାଗତ' ପାଠଟି ବେଶ୍ ଆଶ୍ଚର୍ଯ୍ୟକର ଥିଲା। କାର୍ଟୁନ କର୍ନର ବି କୌତୁକିଆ ହୋଇଥିଲା।

*–ପ୍ରଦୀପ ବିଶ୍ୱାଳ, ସୁନ୍ଦରଗଡ଼*

❖ ଯାତ୍ରା ପୃଷ୍ଠାଟି ମନଲାଖି ହୋଇପାରୁଛି। ଚୁମ୍ବନ ଦ୍ୱାରା ଯେ କାହାର ଜୀବନ ବଞ୍ଚିପାରିବ, ତାହା ପଢି ଆଶ୍ଚର୍ଯ୍ୟ ଲାଗିଲା। ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ବିଲେଇଙ୍କ ଜୀବନ୍ତ ପୋଟ୍ରେଟ୍' ଏବଂ 'କେଶବତୀ କୁନି ପରୀ' ଆଦି ପାଠଦୁଇଟି ଖୁବ୍ ସୁନ୍ଦର ହୋଇଥିଲା।

*–ଲାସ୍ୟମୟୀ ବରାଳ, ଡୁମୁଡୁମା, ଭୁବନେଶ୍ୱର*

## ବିଶେଷ ଚିଠି



ଛୁଟିଦିନ ମୋ ସୁନେଲି ସପନ
ଆସଇ କେବଳ ରବିବାର ଦିନ।
ମିଠା ମିଠା ପାଠ ଭରା ପୃଷ୍ଠା ଏହାର
କିଣିନିଏ ମନ ସବୁ ପାଠକଙ୍କର।
ଭୁଲି ମୁଁ ପାରିବିନି ତୋ'ରି
କଥା, ଭାଷା, ସାହିତ୍ୟ/ ଆଲେଖ୍ୟ,
ସବୁ ପାଠକଙ୍କ ଅପେକ୍ଷା
ମୁଁ ଅଟଇ ଭିନ୍ନ ପାଠକ।


*–ଗୋବିନ୍ଦ ଚନ୍ଦ୍ର ହାଁସଦା, ବଡ଼ ନାଳୁଆ, ବିଶୋଇ, ମୟୂରଭଞ୍ଜ*

**ଧରିତ୍ରୀ ଛୁଟିଦିନ** **ସମ୍ପାଦକ: ତଥାଗତ ସତପଥୀ**
Printed and published by Sri Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଗାନ୍ଧିଜୀଙ୍କ ପ୍ରିୟ...

**ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପାଇଁ ଦେଶର ସମସ୍ତଙ୍କ ହୃଦୟରେ ରହିଛି ସ୍ୱତନ୍ତ୍ର ସ୍ଥାନ। ସେ ହେଉଛନ୍ତି ସମସ୍ତଙ୍କର ଅତି ପ୍ରିୟର ବାପୁଜୀ। ତେବେ ସମସ୍ତଙ୍କ ପ୍ରିୟ ବାପୁଜୀଙ୍କର କ'ଣ ସବୁ ଥିଲା ଅତି ପ୍ରିୟ ଜାଣନ୍ତୁ ନିମ୍ନରୁ...**









**ପ୍ରିୟ ଖାଦ୍ୟ:** ଜାତିର ପିତା ମହାତ୍ମା ଗାନ୍ଧୀ 'ସାତ୍ତ୍ୱିକ ଭୋଜନ'କୁ ପସନ୍ଦ କରୁଥିଲେ। ଯେଉଁ ଖାଦ୍ୟ ଖାଇଲେ ତାଙ୍କୁ ଆତ୍ମତୃପ୍ତି ମିଳୁଥିଲା ତାହା ହେଉଛି- 'ଦାଲ୍ ଚାଓ୍ୱଲ' ବା 'ଭାତଡାଲି'। ଖାସ୍‌କରି ପଞ୍ଚରତ୍ନ ଡାଲି ତାଙ୍କର ପ୍ରିୟ ଥିଲା। ଏହାଛଡ଼ା ବାଇଗଣ, ମୂଳା, ବିଟ୍, କଖାରୁ ଆଦିକୁ ସିଝାଇ ଖାଇବାକୁ ସେ ବେଶି ପସନ୍ଦ କରୁଥିଲେ। ଏମିତିକି ଲୁଣ, ତେଲ ବିନା ସେ ଏସବୁକୁ ଖାଉଥିଲେ। ଫଳରସ, ପେଡ଼ା ବି ତାଙ୍କର ବେଶ୍ ପସନ୍ଦ ଥିଲା। ଛେଳି କ୍ଷୀର(ଯଦିଓ ପ୍ରଥମେ ଏହାକୁ ପିଉ ନ ଥିଲେ) ପିଇବା ସହ ଫଳମୂଳ ବି ଖାଉଥିଲେ। ମିଠା ହିସାବରେ ଚିନି ବ୍ୟବହାର ନ କରି ଗୁଡ଼ ବ୍ୟବହାର କରୁଥିଲେ।

**ପ୍ରିୟ ଜିନିଷ:** ବାପୁଜୀଙ୍କ ସହ ଖଦି ଓ ଚରଖା ଯେମିତି ଓତଃପ୍ରୋତଭାବେ ଜଡ଼ିତ। ତେଣୁ ଊନବିଂଶ ଶତାବ୍ଦୀରେ ଉଦ୍ଭାବନ ହୋଇଥିବା ଚରଖା ହେଉଛି ତାଙ୍କର ବହୁତ ପ୍ରିୟ ଜିନିଷ। ଅବସର ସମୟରେ ତାଙ୍କୁ ଚରଖାରେ ସୂତା କାଟିବାକୁ ବହୁତ ଭଲ ଲାଗୁଥିଲା। ତା'ଛଡ଼ା ତାଙ୍କ ଗୋଲାକାର ଚଷମା ଓ ନକଲି ଦାନ୍ତ(ଯାହାକୁ କେବଳ ଖାଇବା ସମୟରେ ବ୍ୟବହାର କରୁଥିଲେ)କୁ ସେ ବହୁତ ଭଲ ପାଉଥିଲେ। ଆଉ ସେସବୁ ତାଙ୍କ ପାଖରେ ସବୁବେଳେ ରହୁଥିଲା।

**ପ୍ରିୟ ଭଜନ:** 'ବୈଷ୍ଣବ ଜନ ତୋ' ହେଉଛି ବାପୁଜୀଙ୍କର ପ୍ରିୟ ଭଜନ। ଏହାର ଗାୟନବେଳେ ତାଙ୍କ ଆତ୍ମା ଓ ମସ୍ତିଷ୍କକୁ ଶାନ୍ତି ମିଳୁଥିଲା। ଏହି ଭଜନର ଲେଖକ ଥିଲେ ନରସିଂ ମେହତା ଓ ଏହାକୁ ସେ ଗୁଜରାଟୀ ଭାଷାରେ ଲେଖିଥିଲେ। ଉକ୍ତ ଭଜନ ବ୍ୟତୀତ ତାଙ୍କୁ 'ରଘୁପତି ରାଘବ ରାଜା ରାମ' ଭଜନ ଶୁଣିବାକୁ ବି ଭଲ ଲାଗୁଥିଲା।

**ପ୍ରିୟ ସ୍ଥାନ:** କୁହାଯାଏ ସାବରମତୀ ଆଶ୍ରମ ତାଙ୍କର ସବୁଠୁ ପ୍ରିୟ ସ୍ଥାନ ଥିଲା। ସାବରମତୀ ନଦୀ କୂଳରେ ଥିବା ଏହି ଆଶ୍ରମ 'ଗାନ୍ଧୀ ଆଶ୍ରମ' ବା 'ହରିଜନ ଆଶ୍ରମ' ନାମରେ ବି ପରିଚିତ। ଏହା ଥିଲା ଗାନ୍ଧିଜୀଙ୍କର ମୁଖ୍ୟ ସ୍ଥାନ, ଯେଉଁଠାରୁ ସେ ଦାଣ୍ଡିଯାତ୍ରା ଓ ଅନ୍ୟ ଆନ୍ଦୋଳନ ଆରମ୍ଭ କରିଥିଲେ।

**ପ୍ରିୟ ରାଜନେତା:** ମାହାତ୍ମା ଗାନ୍ଧୀଙ୍କର ରାଜନୈତିକ ଗୁରୁ ଥିଲେ ଗୋପାଳକୃଷ୍ଣ ଗୋଖଲେ। ସେ ଥିଲେ ଜଣେ ସଂଗ୍ରାମୀ,ଯେ କି ବ୍ରିଟିଶ ଶାସକଙ୍କ ବିରୋଧରେ ରାଜନୈତିକ ଯୁଦ୍ଧ ଆରମ୍ଭ କରିଥିଲେ। ଗୋପାଳକୃଷ୍ଣଙ୍କ ଅନୁରୋଧକ୍ରମେ ହିଁ ଗାନ୍ଧିଜୀ ଭାରତକୁ ଫେରି ରାଜନୀତିରେ ଯୋଗ ଦେଇଥିଲେ। ଆଉ ସେ ଗାନ୍ଧିଜୀଙ୍କୁ ଦେଶର ଅବସ୍ଥା ଭଲଭାବେ ବୁଝାଇଥିଲେ।



ଗୋପାଳକୃଷ୍ଣ ଗୋଖଲେ

**ପ୍ରିୟ ଭାଷା:** ଗାନ୍ଧିଜୀଙ୍କର ପ୍ରିୟ ଭାଷା ଥିଲା ତାଙ୍କର ମାତୃଭାଷା ଗୁଜରାଟୀ। ସେ ନିଜର ଆତ୍ମଜୀବନୀକୁ ବି ଗୁଜରାଟୀ ଭାଷାରେ ଲେଖିଥିଲେ। ତେବେ ତାଙ୍କ ବ୍ୟକ୍ତିଗତ ସହାୟକ ଶ୍ରୀ ମହାଦେବ ଦେଶାଇ ତାକୁ ଇଂରାଜୀରେ ଅନୁବାଦ କରିଥିଲେ।

**ସିଲେଇ ପସନ୍ଦ ଥିଲା:** ଗାନ୍ଧିଜୀ ନିଜର ଚିରା ପୋଷାକକୁ ନିଜେ ସିଲେଇ କରିବାକୁ ପସନ୍ଦ କରୁଥିଲେ। ଆଉ ସେ ଭଲରେ ସଫା ହୋଇଥିବା ପୋଷାକ ପିନ୍ଧିବାକୁ ଭଲ ପାଉଥିଲେ।



# ଅଜବ ପରମ୍ପରା



ସଂସ୍କୃତିର ଦେଶ ଭାରତରେ ଏମିତି ବି କିଛି ସ୍ଥାନ ଅଛି, ଯେଉଁଠି ଧର୍ମ ଓ ରୀତିନୀତି ନାଁରେ ଏଭଳି ପରମ୍ପରା ପାଳନ କରାହୁଏ, ଯାହା ଲାଗେ ଖୁବ୍ ଅଜବ। ଅଜବ ହେଲେ ବି ଏଥିରେ ଭରି ରହିଥାଏ ଲୋକମାନଙ୍କର ବିଶ୍ୱାସ ଓ ଧାର୍ମିକ ଭାବନା, ଯାହାକୁ ଭାଙ୍ଗିବା ସହଜ ନୁହେଁ.....





ଭାରତ ଏମିତି ଏକ ଦେଶ, ଯେଉଁଠି ଅଧିକାଂଶ ଲୋକ ବିଶ୍ୱାସ ଓ ପରମ୍ପରାର ସୂତାରେ ବନ୍ଧା। ଆଉ ଏହି ବିଶ୍ୱାସ ପାଇଁ ସେମାନେ ଏଭଳି କିଛି ଅଜବ ପ୍ରଥା ଓ ପରମ୍ପରା ପାଳନ କରିଥାନ୍ତି, ଯାହା କରିଥାଏ ସମସ୍ତଙ୍କୁ ଆଶ୍ଚର୍ଯ୍ୟ। କେଉଁଠି ପରମ୍ପରା ନାଁରେ କଙ୍କଡ଼ାବିଛା ସହ ଖେଳ ହୁଏ ତ ଆଉ କେଉଁଠି ସୌଭାଗ୍ୟ ଆଶାରେ ଲୋକେ ଗୋବର ଘସି ଫୋପଡ଼ା ଫୋପଡ଼ି ହୋଇଥାନ୍ତି। ଏପରିକି ବର୍ଷାହେବା ଆଶାରେ କେହି କେହି ପାଣି ଭିତରେ ବୁଡି ରହିବାକୁ ତଥା ବେଙ୍ଗ ବାହାଘର କରିବାକୁ ମଧ୍ୟ ପଛାନ୍ତି ନାହିଁ। ତେଣୁ ଲୋକମାନଙ୍କର ଧାର୍ମିକ ଭାବଧାରା ଓ ବିଶ୍ୱାସକୁ ଆଧାରକରି ପାଳିତ ହେଉଥିବା ସେମିତି କେତୋଟି ଅଜବ ପରମ୍ପରାକୁ ନେଇ ଏଥରର ଏହି ଉପସ୍ଥାପନା...

## ଏଠାରେ କଙ୍କଡ଼ାବିଛା ସହ ହୁଏ ଖେଳ

କଙ୍କଡ଼ାବିଛାଟିଏ ଦେଖିଲେ ଭୟରେ ଅନେକେ ଦୌଡ଼ି ପଳାଇବା ସ୍ୱାଭାବିକ। କିନ୍ତୁ ଆମ ଦେଶରେ ଏମିତି ବି ଏକ ସ୍ଥାନ ଅଛି, ଯେଉଁଠି ଲୋକେ ଏମାନଙ୍କ ସହ ଖେଳିବାକୁ ଭଲ ପାଆନ୍ତି। ଏମାନେ ନା କେବଳ କଙ୍କଡ଼ାବିଛାଙ୍କୁ ହାତରେ ଧରନ୍ତି, ମୁଣ୍ଡ, ଗାଲ, ବେକ ଏପରିକି କେହି କେହି ପାଟି ଭିତରେ ବି ଏମାନଙ୍କୁ ପୂରାଇଦିଅନ୍ତି। ତେବେ ଏହି କାମ ସେମାନେ ସବୁବେଳେ ନ କରି, କେବଳ ଏକ ସ୍ୱତନ୍ତ୍ର ପୂଜା ସମୟରେ ହିଁ କରିଥାନ୍ତି। ସୂଚନାନୁଯାୟୀ, କର୍ନାଟକର ୟାଦଗିର୍‌ଠାରୁ ପ୍ରାୟ ୨୦ କି.ମି. ଦୂରରେ ରହିଛି ଏକ ଗାଁ କାଣ୍ଡକୁର୍। ପ୍ରତିବର୍ଷ ନାଗପଞ୍ଚମୀ ସମୟରେ ଏଠାରେ ମେଳା ହୁଏ। ନାଗପଞ୍ଚମୀରେ ସବୁଠି ନାଗଦେବୀଙ୍କୁ ପୂଜା କରାଯାଏ, କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଦେଖାଯାଏ। ଏହିଦିନ ଗାଁର ସମସ୍ତେ କଙ୍କଡ଼ାବିଛାଙ୍କ ଦେବୀ କୁହାଯାଉଥିବା କୋଣ୍ଡାମ୍ମାଇଙ୍କୁ ପୂଜା କରିବା ପାଇଁ ନିକଟସ୍ଥ ପାହାଡ଼ ଉପରେ ବିରାଜମାନ କୋଣ୍ଡାମ୍ମାଇଙ୍କ ମନ୍ଦିରକୁ ଯାଇଥାନ୍ତି। ସେଠାରେ ମାତାଙ୍କୁ ଶାଢ଼ି, ନଡ଼ିଆ ଓ ତେଲ ଅର୍ପଣ କରି ସ୍ୱାସ୍ଥ୍ୟ ଭଲ ରହିବା ତଥା ସୌଭାଗ୍ୟପ୍ରାପ୍ତି ପାଇଁ ଆରାଧନା କରିଥାନ୍ତି। ଏହାପରେ ସେମାନେ ପାହାଡ଼ ସାରା କଙ୍କଡ଼ାବିଛା ଖୋଜି ବୁଲନ୍ତି, ଏହା ସେମାନଙ୍କର ଏକ ବିଧି। ଆଶ୍ଚର୍ଯ୍ୟର ବିଷୟ ଅନ୍ୟଦିନ ମାନଙ୍କରେ କାଁ ଭାଁ ଗୋଟେ ଗୋଟେ କଙ୍କଡ଼ାବିଛା ଦେଖିବାକୁ ମିଳୁଥିବା ଏହି ପାହାଡ ଉପରେ କିନ୍ତୁ ନାଗପଞ୍ଚମୀ ଦିନ ବହୁ ସଂଖ୍ୟାରେ କଙ୍କଡ଼ାବିଛା ଦେଖାଯାଇଥାନ୍ତି। ସେଥିପାଇଁ ତ ଏହି ପାହାଡ଼କୁ କେହି କେହି କଙ୍କଡ଼ାବିଛାଙ୍କ ପାହାଡ଼ ବୋଲି ମଧ୍ୟ କୁହନ୍ତି। ତେବେ ଗାଁଲୋକେ କଙ୍କଡ଼ାବିଛାଙ୍କୁ ଖୋଜି ପାଇଲା ପରେ କିଏ ହାତରେ ତ କିଏ ବେକରେ, ମୁଣ୍ଡରେ, ମୁହଁରେ ଏମାନଙ୍କୁ ଚଲାଇଥାନ୍ତି। ଏପରିକି କେହି କେହି ସାହସୀ ଲୋକ ମଧ୍ୟ ପାଟି ଭିତରେ ଏମାନଙ୍କୁ ପୂରାଇ ଦିଅନ୍ତି। ସେହିପରି କେତେଜଣ ମାତାପିତା ନିଜର କୋମଳମତି ପିଲାମାନଙ୍କ ଦେହରେ ବି କଙ୍କଡ଼ାବିଛାଙ୍କୁ ଚଲାଇବାରେ ଖୁସି ଅନୁଭବ କରିଥାନ୍ତି। ଏପରି କରିବାରେ କାହା ମୁହଁରେ ଭୟର ସାମାନ୍ୟ ଛାପ ମଧ୍ୟ ଦେଖିବାକୁ ମିଳେନି, ବରଂ ସମସ୍ତେ ବେଶ୍ ଆଗ୍ରହର ସହ ଏ ଖେଳ ଖେଳିଥାନ୍ତି। ଏକ ରିପୋର୍ଟ ଅନୁଯାୟୀ, ଦେବୀ କୋଣ୍ଡାମ୍ମାଇଙ୍କ କୃପାରୁ ଏହି ଖେଳରେ ଆଜିଯାଏଁ କାହାକୁ କଙ୍କଡ଼ାବିଛା ଦଂଶିବାର ନଜିର ନାହିଁ। କୋଣ୍ଡାମ୍ମାଇ ସେମାନଙ୍କୁ ଏହି ବିଷାକ୍ତ ପ୍ରାଣୀଙ୍କ ଦଂଶନରୁ ରକ୍ଷା କରିଥାନ୍ତି। ଆଉ ଏହି ଆଶୀର୍ବାଦ ହିଁ ସେମାନଙ୍କୁ ଅନ୍ୟ ବିପଦ ତଥା କଷ୍ଟରୁ ରକ୍ଷା କରିଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି।

## ଗୋବର ଘସିରେ ହୁଏ ଲଢ଼େଇ


ଆନ୍ଧ୍ରପ୍ରଦେଶର କାଇରୁପ୍ପାଲା ନାମକ ଗାଁରେ ପ୍ରତିବର୍ଷ ଗାଈ ଗୋବରରୁ ତିଆରି ଘସିରେ ଏକ ସ୍ୱତନ୍ତ୍ର ଖେଳ ହୋଇଥାଏ। ଶୁଣିବାକୁ ଅଜବ ଲାଗିଲେ ବି, ଏହା ଏଠାକାର ଏକ ନିଆରା ପରମ୍ପରା ଭାବେ କାହିଁ କେଉଁ କାଳରୁ ପ୍ରଚଳିତ ହୋଇଆସୁଛି। ସ୍ଥାନୀୟ ଲୋକଙ୍କ ମତରେ, ଏହି ପରମ୍ପରାର ସମ୍ପର୍କ ଏକ କିମ୍ବଦନ୍ତୀ ସହ ରହିଛି। ଉକ୍ତ କିମ୍ବଦନ୍ତୀଟି ହେଉଛି, ଭଗବାନ ଶିବଙ୍କର ଏକ ପ୍ରତିରୂପ ବୀରଭଦ୍ର ସ୍ୱାମୀଙ୍କର ଦେବୀ ଭଦ୍ରକାଳୀଙ୍କ ସହ ବିବାହ ହେବାର ଥିଲା। କିନ୍ତୁ ଦେବୀ ଭଦ୍ରକାଳୀଙ୍କୁ ଚିଡ଼ାଇବା ପାଇଁ ହଠାତ୍ ପ୍ରଭୁ ବୀରଭଦ୍ର ସ୍ୱାମୀ ବିବାହ ପାଇଁ ମନା କରିଦେଲେ ; ଯଦ୍ୱାରା ଦେବୀ ଭଦ୍ରକାଳୀଙ୍କ ସମେତ ସମସ୍ତ କନ୍ୟାପକ୍ଷ କ୍ରୋଧାନ୍ୱିତ ହୋଇ ବରପକ୍ଷଙ୍କୁ ପାନେ ଦେବା ପାଇଁ ଚିନ୍ତାକରି, ତାଙ୍କ ଉପରକୁ ଘସି ଫୋପାଡ଼ିବାକୁ ଲାଗିଲେ। ବରପକ୍ଷ ମଧ୍ୟ ଠିକ୍ ସେହି ଉପାୟରେ ପ୍ରତ୍ୟାକ୍ରମଣ କଲେ। ଶେଷରେ ଏହି ନିଆରା ଲଢ଼େଇର ଅନ୍ତ ଆପୋସ ବୁଝାମଣାରେ ପ୍ରଭୁ ବୀରଭଦ୍ର ସ୍ୱାମୀ ଓ ଦେବୀ ଭଦ୍ରକାଳୀଙ୍କର ବିବାହ ସମ୍ପନ୍ନରେ ହୋଇଥିଲା। କ୍ରମେ କାଇରୁପ୍ପାଲା ଗାଁଲୋକେ ଉକ୍ତ ପ୍ରଥାକୁ ଆପଣେଇ ଏହାକୁ ପାଳନ କରିବାକୁ ଲାଗିଲେ। ପ୍ରତିବର୍ଷ ବସନ୍ତ ଉତ୍ସବ ପରେ ଏହି ପ୍ରଥା ଏଠାରେ ପାଳିତ ହୋଇଥାଏ। ଏଦିନ ଗାଁର ଠିକ୍ ମଝିରେ ଘସିକୁ ଗଦା କରାଯାଏ। ତା'ପରେ ହଜାର ହଜାର ଭକ୍ତ ଦୁଇ ଗୋଷ୍ଠୀରେ ବାଣ୍ଟି ହୋଇଯାନ୍ତି। ଗୋଟେ ଗୋଷ୍ଠୀ ପ୍ରଭୁ ବୀରଭଦ୍ର ସ୍ୱାମୀଙ୍କର ଏବଂ ଆଉ ଗୋଟେ ଗୋଷ୍ଠୀ ଦେବୀ ଭଦ୍ରକାଳୀଙ୍କର। ଉଭୟ ଗୋଷ୍ଠୀ ନିଜର ଦେବୀ ଓ ଦେବତାଙ୍କୁ ଧରି ଖେଳରେ ମାତିଯାନ୍ତି। ଖେଳ ସମୟରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ହାତରେ ଘସି ଆଉ ଏକ ହାତରେ ନିଜକୁ ରକ୍ଷା କରିବା ପାଇଁ ଗାମୁଛା କିମ୍ବା କୌଣସି କପଡ଼ା ଧରିଥାନ୍ତି। ପ୍ରାୟ ଅଧଘଣ୍ଟା ଧରି ଏହି ଖେଳ ଚାଲେ। ଘସିଗୁଡ଼ିକ ସମ୍ପୂର୍ଣ୍ଣ ଗୁଣ୍ଡ ହୋଇଯିବା ପରେ ଖେଳ ବନ୍ଦ ହୋଇ ଦେବୀଦେବତାଙ୍କର ବିବାହ ସମ୍ପନ୍ନ ହୋଇଥାଏ। ଉକ୍ତ ଖେଳରେ ଆନନ୍ଦ ଯେତିକି ମିଳେ, ଅସାବଧାନତା ଯୋଗୁ କେହି କେହି

→





ଆଘାତପ୍ରାପ୍ତ ବି ହୋଇଥାନ୍ତି। କୁହାଯାଏ, ଏହି ଖେଳରେ ଯାହାକୁ ଆଘାତ ଲାଗେ, ସିଏ ଗାଁ ମନ୍ଦିରରେ ସ୍ୱତନ୍ତ୍ର ଭାବେ ଥିବା ଘସିର ପାଉଁଶକୁ ଲଗାଇ ନିଜର ଚିକିତ୍ସା କରାଇଥାନ୍ତି। ତେବେ ଏହି ଖେଳ ଖେଳିଲେ ଶରୀର ସୁସ୍ଥ ରହିବା ସହ ଘରର ଉନ୍ନତି ହୁଏ ଏବଂ ଗାଁରେ ବର୍ଷା ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।



## ଶୋଇଥିବା ଲୋକଙ୍କ ଉପରେ ଚଢ଼ିଥାନ୍ତି ଗାଈ

ମଧ୍ୟପ୍ରଦେଶର ଉଜ୍ଜୟିନୀସ୍ଥିତ କେତେକ ଗାଁରେ ଏହି ଅଜବ ପରମ୍ପରାର ପାଳନ କାହିଁ କେଉଁ କାଳରୁ ହୋଇଆସୁଅଛି। ଏଥିରେ ମାନସିକଧାରୀ ଗାଁ ଦାଣ୍ଡରେ ମୁଣ୍ଡକୁ ତଳକୁ କରି ଶୋଇଥାନ୍ତି, ଆଉ ସେମାନଙ୍କ ଉପରେ ଗାଈମାନେ ଚଢ଼ିକି ଯିବାର ବିଧି ରହିଛି। ପ୍ରତିବର୍ଷ ଦୀପାବଳି ସମୟରେ ପଡୁଥିବା ଏକାଦଶୀ ତିଥିରେ ଏହି ବିଧି ପାଳିତ ହୋଇଥାଏ। ଏହିଦିନ ଗାଁଲୋକେ ଗାଈମାନଙ୍କୁ ପୂଜାକରି ସେମାନଙ୍କୁ ରଙ୍ଗବେରଙ୍ଗର ଅବିର ଓ ଫୁଲରେ ସଜେଇ ଦିଅନ୍ତି। ତା'ପରେ ଯେଉଁମାନଙ୍କର କିଛି ମନସ୍କାମନା ଥାଏ, ସେମାନେ ଗାଁ ଦାଣ୍ଡରେ ମୁଣ୍ଡକୁ ତଳକୁ କରି ଲମ୍ବ ହୋଇ ଶୋଇଯାନ୍ତି। କିଛି ସମୟ ପରେ ସୁସଜ୍ଜିତ ଗାଈମାନଙ୍କୁ ଗାଁଦାଣ୍ଡରେ ଘଉଡ଼ାଇ ଦିଆଯାଏ ; ଯଦ୍ୱାରା ଗାଈମାନେ ଶୋଇଥିବା ଲୋକଙ୍କ ଉପରେ ଚଢ଼ିଯାନ୍ତି। ଏପରି କରିବା ଦ୍ୱାରା କୁଆଡ଼େ ମନସ୍କାମନା ପୂରଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ବେଳେବେଳେ ଏହି ପରମ୍ପରା ପାଳନ କଲାବେଳେ ଗାଈଙ୍କ ଖୁରା ମାଡ଼ରେ କିଛି ଲୋକଙ୍କ ଦେହରେ ସାମାନ୍ୟ କ୍ଷତ ଚିହ୍ନ ବି ହୋଇଯାଏ, ହେଲେ ଏହାକୁ ବି ସେମାନେ ନିଜର ସୌଭାଗ୍ୟ ବୋଲି ମାନି ନେଇଥାନ୍ତି। ଆଉ ପ୍ରତିବର୍ଷ ଏହିଦିନକୁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥାନ୍ତି।



## ଖାଦ୍ୟ ଉପରେ ଗଡ଼ିବାର ପରମ୍ପରା

କର୍ଣ୍ଣାଟକର ଦକ୍ଷିଣ କନ୍ନଡ ଜିଲା ଅନ୍ତର୍ଗତ କୁକ୍କେ ସୁବ୍ରମଣ୍ୟ ମନ୍ଦିରରେ ଏଭଳି ଏକ ଅଜବ ପରମ୍ପରା ପାଳନ କରାଯାଇଥାଏ। ପ୍ରାୟ ୫୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଏହି ପରମ୍ପରାରେ ଭକ୍ତଗଣଙ୍କୁ ଖାଦ୍ୟ ଉପରେ ଗଡ଼ିବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ସୂଚନାଯୋଗ୍ୟ, ପୂର୍ବେ ଏହି ପରମ୍ପରା 'ମେଡ୍ ସ୍ନାନ' ନାମରେ ପରିଚିତ ଥିଲା, ଯାହାକୁ ତିନିଦିନ ଧରି ପାଳନ କରାଯାଉଥିଲା। ଏଥିରେ ପ୍ରଥମେ ମନ୍ଦିରର ଏକ ସ୍ଥାନରେ ଧାଡ଼ି ଧାଡ଼ି ହୋଇ ବ୍ରାହ୍ମଣମାନେ ବସି କଦଳୀପତ୍ରରେ ଖାଉଥିଲେ। ସେମାନେ ପ୍ରତି ପତ୍ରରେ କିଛି କିଛି ଖାଦ୍ୟ ଜାଣିକି ଛାଡ଼ିଯାଉଥିଲେ। ତା'ପରେ ମନ୍ଦିରର ଦ୍ୱାର ଫିଟାଯାଉଥିଲା। ଏହାପରେ ଦ୍ୱାର ପାଖେ ଅପେକ୍ଷା କରି ରହିଥିବା କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ଦୌଡ଼ି ଆସି ସେହି ବଳକା ଖାଦ୍ୟ ଉପରେ ଗଡ଼ିବାକୁ ଲାଗୁଥିଲେ। ପରେ ସେମାନେ ଯାଇ ନିକଟସ୍ଥ କୁମାରଧାରା ନଦୀରେ ପବିତ୍ର ସ୍ନାନ କରୁଥିଲେ। ଏପରି କରିବା ଦ୍ୱାରା ପାପ କ୍ଷୟହେବା ସହ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ମିଳେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। କିନ୍ତୁ ଏହାଦ୍ୱାରା ଜାତିଗତ ଭେଦଭାବ ହେଉଥିବା ତଥା ଲୋକମାନଙ୍କର ଧାର୍ମିକ ଭାବଧାରାକୁ ଆଘାତ ଲାଗୁଥିବାର ଅନୁଭବ କରି କର୍ଣ୍ଣାଟକ ସରକାର ମଝିରେ ଏହି ପ୍ରଥାକୁ ବନ୍ଦ କରିଦେବାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ପରମ୍ପରାକୁ ବର୍ଷ ବର୍ଷ ଧରି ନିଷ୍ଠାର ସହ ପାଳନ କରିଆସୁଥିବା କେତେଜଣ ଭକ୍ତ ଏହାକୁ ବନ୍ଦ ନ କରିବା ପାଇଁ ଦୃଢ଼ ପ୍ରତିବାଦ କରିବାରୁ ସରକାର ପୁଣିଥରେ ଏହାକୁ ଚାଲୁକରିବା ପାଇଁ ବାଧ ହେଲେ। କିନ୍ତୁ ସେଥିରେ ସାମାନ୍ୟ ପରିବର୍ତ୍ତନ କରାଗଲା। ଏଥିରେ ଭକ୍ତଗଣଙ୍କୁ ଆଉ ବ୍ରାହ୍ମଣମାନଙ୍କ ବଳକା ଖାଦ୍ୟ ଉପରେ ଗଡ଼ିବାକୁ ନ ଦିଆଯାଇ, ଯେଉଁ ପ୍ରସାଦ ଭଗବାନଙ୍କୁ ଅର୍ପଣ କରିସାରି ପତ୍ରରେ ବଢ଼ାହୋଇଥିବ, ସେଥିରେ ଗଡ଼ିବାକୁ ଅନୁମତି ଦିଆଗଲା। ଆଉ ଏହାର ନାଁ ରଖାଗଲା 'ଏଡେ ସ୍ନାନ'। ସେହିପରି ଏଥିରେ କେବଳ କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକ ନୁହେଁ ବରଂ ଅନ୍ୟମାନେ ବି ଚାହିଁଲେ ଏହାକୁ ଯେମିତି ପାଳନ କରିପାରିବେ, ସେ ନେଇ ମଧ୍ୟ ବ୍ୟବସ୍ଥା କରାଗଲା।



## ମୁଣ୍ଡରେ ନଡ଼ିଆ ଫଟାଇବା ପରମ୍ପରା

ତାମିଲନାଡୁର କରୁର୍, କୋଏମ୍ବାଟୁର ତଥା ମଦୁରାଇ ସହରର କେତେକ ସ୍ଥାନରେ ଏହି ପରମ୍ପରା ପାଳିତ ହୋଇଥାଏ। ଏଥିରେ ଭକ୍ତଗଣଙ୍କ ମୁଣ୍ଡରେ ନଡ଼ିଆ ଫଟାଇବା ପ୍ରଥା ରହିଛି। କାହିଁ କେଉଁ କାଳରୁ ଆରମ୍ଭ ହୋଇଥିବା ଏହି ପରମ୍ପରାରେ ପ୍ରଥମେ ଠାକୁରାଣୀଙ୍କ ପାଖେ ପୂଜାର୍ଚ୍ଚନା କରାଯାଇଥାଏ। ତା'ପରେ ପୂଜାରୀମାନେ ଆସି ଅପେକ୍ଷାରତ କେତେକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଭକ୍ତଗଣଙ୍କ ମୁଣ୍ଡରେ ନଡ଼ିଆ ଫଟାଇବା କାର୍ଯ୍ୟକ୍ରମ ଆରମ୍ଭ କରିଥାନ୍ତି। ପ୍ରଥମେ ମୁଖ୍ୟ ପୂଜାରୀ ସାତଜଣ ବୟସ୍କ ଭକ୍ତଙ୍କ ମୁଣ୍ଡରେ ନଡ଼ିଆ ଫଟାଇ ସାରିବା ପରେ ଅନ୍ୟ ପୂଜାରୀମାନେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଥାନ୍ତି। ଭକ୍ତଙ୍କ ମଧ୍ୟରେ ବୃଦ୍ଧାବୃଦ୍ଧ, ଯୁବକ, ସ୍ତ୍ରୀଲୋକ ଏପରିକି କେତେକ କମ୍ ବୟସର ପିଲା ମଧ୍ୟ ସାମିଲ ଥାଆନ୍ତି। ତେବେ ଏଥିରେ ସାମିଲହେବା ପାଇଁ ଆସୁଥିବା ଭକ୍ତଗଣ ପ୍ରଥମେ ପବିତ୍ର ସ୍ନାନ କରିବା ସହ ଉପବାସ ରଖିଥାନ୍ତି। ତା' ସଙ୍ଗେସଙ୍ଗେ ପ୍ରତ୍ୟେକେ ନିଜ ସହିତ ଗୋଟିଏ ଗୋଟିଏ ନଡ଼ିଆ ନିଶ୍ଚୟ ନେଇ ଆସିଥାନ୍ତି। ତେବେ ଏହି ପରମ୍ପରାକୁ ପାଳନ କରିବାଟା ଖୁବ୍ ଯନ୍ତ୍ରଣାଦାୟକ ହୋଇଥାଏ। ବେଳେବେଳେ ଅନେକଙ୍କର ମୁଣ୍ଡ ଫାଟି ରକ୍ତ ବାହାରିବାର ସମସ୍ୟା ମଧ୍ୟ ଦେଖାଯାଇଥାଏ, ଯେଉଁଥିପାଇଁ ସରକାର ତଥା ଡାକ୍ତରମାନେ ଶରୀର ପାଇଁ ହାନିକାରକ ହେଉଥିବା ଏଭଳି ପରମ୍ପରାରୁ ବିରତ ରହିବାକୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ବି ଲୋକେ ଏଥିରୁ ବିରତ ହେଉନାହାନ୍ତି। କାରଣ ସେମାନଙ୍କର ବିଶ୍ୱାସ ରହିଛି, ମୁଣ୍ଡରେ ନଡ଼ିଆ ନ ଫାଟିଲେ ସେମାନଙ୍କୁ ସୌଭାଗ୍ୟ ମିଳିବ ନାହିଁ କି ସେମାନେ ଜୀବନରେ ସଫଳତା ପାଇପାରିବେ ନାହିଁ।




## ବର୍ଷା ପାଇଁ ପାଣିକୁଣ୍ଡରେ ବୁଡ଼ି ରୁହନ୍ତି ପୂଜାରୀ

ଯେହେତୁ ଭାରତ ଏକ କୃଷି ପ୍ରଧାନ ଦେଶ, ତେଣୁ ଚାଷବାସ ଉପରେ ଏଠାକାର ଅଧିକାଂଶ ଲୋକ ନିର୍ଭର କରିବା ସ୍ୱାଭାବିକ। କିନ୍ତୁ ଭଲ ଚାଷ ପାଇଁ ଭଲ ବର୍ଷା ବି ତ ହେବା ଜରୁରୀ। ତେଣୁ ବର୍ଷା କେମିତି ଭଲରେ ହେବ, ସେ ନେଇ ଦେଶର ବିଭିନ୍ନ ସ୍ଥାନରେ ପୂଜାପାଠ ମଧ୍ୟ କରାଯାଇଥାଏ। ସେମିତି ଏକ ନିଆରା ପରମ୍ପରାର ନାଁ ହେଉଛି 'ବରୁଣ ଯଜ୍ଞ'। ମହାରାଷ୍ଟ୍ର ସମେତ କର୍ଣ୍ଣାଟକ ତଥା ତାମିଲନାଡୁର କେତେକ ସ୍ଥାନରେ ଏହାକୁ ପାଳନ କରାଯାଉଥିବାର ନଜିର ରହିଛି। ବର୍ଷାଦିନର ଅବ୍ୟବହିତ ପୂର୍ବରୁ ଏହି ପରମ୍ପରା ପାଳିତ ହୋଇଥାଏ ଏବଂ ଏଥିରେ ଜଳର ଦେବତା ବରୁଣଙ୍କୁ ଆରାଧନା କରାଯାଏ। ଆଉ ଏହାକୁ ମନ୍ଦିରର ପୂଜାରୀମାନେ ହିଁ କେବଳ କରିଥାନ୍ତି। ଏଥିପାଇଁ ଏମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ପାଣିକୁଣ୍ଡରେ ଗୋଡ଼ଭାଙ୍ଗି ଓ ହାତ ଯୋଡ଼ି ବସିବା ପରେ ଉକ୍ତ କୁଣ୍ଡ ଭିତରେ ପାଣି ଭର୍ତ୍ତି କରି ଦିଆଯାଏ। କୁଣ୍ଡରେ ପାଣି ସମ୍ପୂର୍ଣ୍ଣ ଭର୍ତ୍ତି ହୋଇଯିବା ପରେ ପୂଜାରୀମାନେ ଜଳ ଦେବତା ବରୁଣଙ୍କ ନାମରେ ଲକ୍ଷେ ଥର ମନ୍ତ୍ର ଉଚ୍ଚାରଣ କରିଥାନ୍ତି। ଏପରି କରିବା ଦ୍ୱାରା କୁଆଡ଼େ ବର୍ଷା ଭଲ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

## ବର୍ଷା ପାଇଁ ହୁଏ ବେଙ୍ଗ ବାହାଘର

ବର୍ଷା ପାଇଁ କେତେକ ସ୍ଥାନରେ ବେଙ୍ଗ ବାହାଘର ହେଉଥିବାର ପରମ୍ପରା ବି ବେଶ୍ ଅଜବ ଲାଗେ ଶୁଣିବାକୁ। କିନ୍ତୁ ଏଥିରେ ସ୍ଥାନୀୟ ଲୋକଙ୍କର ଭରସା ଓ ବିଶ୍ୱାସ ଭରି ରହିଥାଏ। ସେମାନଙ୍କ ମତରେ ରୀତିନୀତି ଅନୁଯାୟୀ ଯଦି ଦୁଇଟି ବେଙ୍ଗକୁ ବାହାଘର କରି ଦିଆଯାଏ, ତା'ହେଲେ ଜଳ ଦେବତା ବରୁଣ ଖୁସି ହୁଅନ୍ତି। ଫଳରେ ବର୍ଷା ହୁଏ। ଏଭଳି ଏକ ଅଜବ ପରମ୍ପରା ଆସାମ, ମହାରାଷ୍ଟ୍ର ସମେତ ଓଡ଼ିଶାର କେତେକ ଅଞ୍ଚଳରେ ବି ପାଳିତ ହେଉଥିବାର ନଜିର ରହିଛି।

କେବଳ ଏତିକି ନୁହେଁ, ଆମ ଦେଶରେ ଆହୁରି ବି କେତେକ ସ୍ଥାନ ଅଛି ଯେଉଁଠି ଲୋକେ ପରମ୍ପରା ନାଁରେ ଏମିତି କିଛି କାର୍ଯ୍ୟ କରିଥାନ୍ତି, ଯାହା ଖୁବ୍ ନିଆରା ଲାଗିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। – ଅମ୍ବିତା





# ଆଣ୍ଟୋଇନ୍ ରୋଜର



**ଆଣ୍ଟୋଇନ୍ ଏକାଧାରରେ ଜଣେ ଗାଳ୍ପିକ, କବି, ସାମ୍ବାଦିକ ଏବଂ ବୈମାନିକ। ତାଙ୍କର ଏହି ବହୁମୁଖୀ ପ୍ରତିଭା ନିମନ୍ତେ ତାଙ୍କୁ ଫ୍ରାନ୍ସ ସାହିତ୍ୟ ସର୍ବୋଚ୍ଚ ପୁରସ୍କାର ମଧ୍ୟ ମିଳିଛି। ସେତିକିନୁହେଁ, ସେ ୟୁଏସ୍ ନ୍ୟାଶନାଲ୍ ବୁକ୍ ଆୱାର୍ଡ ଭଳି ସମ୍ମାନଜନକ ପୁରସ୍କାର ମଧ୍ୟ ହାସଲ କରିଛନ୍ତି...**

ଆଣ୍ଟୋଇନ୍ ରୋଜର ମୂଳତଃ ଜଣେ ଫରାସୀ ଲେଖକ। ସେ ଏକାଧାରରେ ଜଣେ ଗାଳ୍ପିକ, କବି, ସାମ୍ବାଦିକ ଏବଂ ବୈମାନିକ। ତାଙ୍କର ଏହି ବହୁମୁଖୀ ପ୍ରତିଭା ନିମନ୍ତେ ତାଙ୍କୁ ଫ୍ରାନ୍ସ ସାହିତ୍ୟ ସର୍ବୋଚ୍ଚ ପୁରସ୍କାର ମଧ୍ୟ ମିଳିଛି। ସେତିକିନୁହେଁ, ସେ ୟୁଏସ୍ ନ୍ୟାଶନାଲ୍ ବୁକ୍ ଆୱାର୍ଡ ଭଳି ସମ୍ମାନଜନକ ପୁରସ୍କାର ମଧ୍ୟ ହାସଲ କରିଛନ୍ତି। ତାଙ୍କର ବହୁ ଲୋକପ୍ରିୟ ପୁସ୍ତକ ରହିଛି। ତେବେ ତାଙ୍କର ଉପନ୍ୟାସିକା (ନଭେଲା) 'ଦି ଲିଟିଲ୍ ପ୍ରିନ୍ସ' ପାଇଁ ସେ ସବୁଠୁ ବେଶି ପରିଚିତ। ସେ ବିମାନଯାତ୍ରାର ଅନୁଭୂତିକୁ ନେଇ ବହୁ ଗଳ୍ପ ଓ କବିତା ରଚନା କରିଛନ୍ତି। ସେଥିମଧ୍ୟରୁ ୱିଣ୍ଡ୍, ସ୍ୟାଣ୍ଡ ଆଣ୍ଡ ଷ୍ଟାର୍ସ ଏବଂ ନାଇଟ୍ ଫ୍ଲାଇଟ୍ ଆଦି ଉଲ୍ଲେଖନୀୟ। ପ୍ରାକ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବକାଶରେ ତାଙ୍କୁ ଜଣେ ଖୁବ୍ ଧୁରନ୍ଧର ପାଇଲଟ ବା ବୈମାନିକ ଭାବରେ ବିବେଚନା କରାଯାଉଥିଲା। ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅବସରରେ ସେ ଫ୍ରାନ୍ସ ଏୟାରଫୋର୍ସରେ ଯୋଗ ଦେଇଥିଲେ।


**ପରିବାର :** ୧୯୦୦ ମସିହା ଜୁନ୍ ୨୯ ତାରିଖରେ ଫ୍ରାନ୍ସର ଏକ ଆଭିଜାତ୍ୟ କ୍ୟାଥୋଲିକ୍ ପରିବାରରେ ଆଣ୍ଟୋଇନ୍ ରୋଜର ଜନ୍ମଗ୍ରହଣ କରିଥିଲେ। ଜନ୍ ଡି' ସେଣ୍ଟ ଓ ମେରି ଡି' ସେଣ୍ଟଙ୍କର ପାଞ୍ଚ ପିଲାଙ୍କ ମଧ୍ୟରେ ସେ ଥିଲେ ତୃତୀୟ ସନ୍ତାନ। ଜନ୍ ଜଣେ ଇନ୍ସ୍ୟୁରାନ୍ସ ବ୍ରୋକର ଥିଲେ। ସବୁ ଠିକ୍‌ଠାକ୍ ଚାଲିଥିଲା। ମାତ୍ର ହଠାତ୍ ଦିନେ ଜନ୍ ଅସୁସ୍ଥ ହୋଇପଡ଼ିଲେ। ଆଉ ତାଙ୍କର ହୃଦ୍‌ଘାତରେ ପ୍ରାଣ ଚାଲିଗଲା। ସେତେବେଳକୁ ଆଣ୍ଟୋଇନ୍ ମାତ୍ର ଚାରିବର୍ଷର ଶିଶୁ। ଏହି ଘଟଣା ପରେ ତାଙ୍କ ପରିବାରକୁ ବିପର୍ଯ୍ୟୟ ମାଡ଼ି ଆସିଥିଲା। ଅବଶ୍ୟ ପରେ ମେରି ନିଜକୁ ସମ୍ଭାଳି ନେଇଥିଲେ। ଏହି ଘଟଣାର କିଛିଦିନ ପରେ ତାଙ୍କର ଗୋଟିଏ ଭାଇଙ୍କର ମଧ୍ୟ ପରଲୋକ ଘଟିଥିଲା। ଭାଇଙ୍କର ମୃତ୍ୟୁ ବେଳକୁ ଆଣ୍ଟୋଇନ୍ ସ୍କୁଲ୍‌ରେ ନାମ ଲେଖେଇଲେଣି। ଭାଇଙ୍କ ମୃତ୍ୟୁକୁ ସେ ଖୁବ୍ ପାଖରୁ ଦେଖିଥିଲେ। ଏମିତିକି ତାଙ୍କୁ ତାଙ୍କ ଭାଇଙ୍କର ଅନ୍ତ୍ୟେଷ୍ଟି ନିଜ ହାତରେ କରିବାକୁ ହୋଇଥିଲା। ଏହା ତାଙ୍କ ଭିତରେ ଏକ ଗଭୀର ପ୍ରଭାବ ସୃଷ୍ଟି କରିଥିଲା। ଆଉ ସେ ସେବେଠାରୁ ଜୀବନକୁ ଏକ ନୂଆ ଦୃଷ୍ଟିରେ ଦେଖିବା ଆରମ୍ଭ କରିଥିଲେ।


**ପୂରଣ ହେଲା ଆଶା:** ଚାରିବର୍ଷ ବୟସରେ ବାପାଙ୍କର ଦେହାନ୍ତ ଘଟିଥିଲା। ସ୍କୁଲ୍ ପଢ଼ିବା ବେଳେ ବଡ଼ଭାଇ ଚାଲିଗଲେ। ତେଣୁ ଖୁବ୍ କମ୍ ବୟସରୁ ଘରର ସବୁତକ ଦାୟିତ୍ୱ ସମ୍ଭାଳିବାକୁ ପଡ଼ିଥିଲା ତାଙ୍କୁ। ସେ ଚାହୁଁଥିଲେ ଯେମିତି ବି ହେଉ ରୋଜଗାରକ୍ଷମ ହୁଅନ୍ତୁ। ସେଥିଲାଗି ସେ ଯେକୌଣସି କାମ କରିବା ପାଇଁ ବି ପ୍ରସ୍ତୁତ ଥିଲେ। ତେବେ ତାଙ୍କର ବିମାନ ସେବାକୁ ନେଇ ଖୁବ୍ ଦୁର୍ବଳତା ଥିଲା। ସେଥିପାଇଁ ଏକାଧିକ ଥର ପରୀକ୍ଷା ଦେଇଥିଲେ ମଧ୍ୟ ସେ ଚାକିରି ପାଇ ପାରି ନ ଥିଲେ। ତେବେ ୧୯୨୧ରେ ସେ ମିଲିଟାରୀ ସର୍ଭିସ୍‌ରେ ଯୋଗଦେଲେ। ଏଇଠୁ ତାଙ୍କର ଅସଲ ଚାକିରି ଜୀବନ ଆରମ୍ଭ ହେଲା। ତାଙ୍କର ତ ମୂଳରୁ ଇଚ୍ଛା ଥିଲା ଏୟାରଫୋର୍ସରେ ଚାକିରି କରିବା ପାଇଁ। ତେଣୁ ସେ ଆର୍ମିରେ ନିଜକୁ ସନ୍ତୁଷ୍ଟ କରିପାରି ନ ଥିଲେ। ଅବଶ୍ୟ ଆର୍ମିରେ ଥିବା ବେଳେ ତାଙ୍କର ରୁଚି, କର୍ମଦକ୍ଷତା ତଥା ପ୍ରତ୍ୟୁତ୍ପନ୍ନମତିତାକୁ ଲକ୍ଷ୍ୟକରି ତାଙ୍କୁ କିଛି ବର୍ଷ ପରେ ଏୟାରଫୋର୍ସ ବିଭାଗକୁ ପଠେଇ ଦିଆଗଲା। ଆଉ ତାଙ୍କର ଆଶା ପୂରଣ ହେଲା। ସେ ପାଇଲଟ୍ ୱିଙ୍ଗ୍‌ରେ ଯୋଗଦେଲେ।


**ଲେଖାଲେଖି :** ଆଣ୍ଟୋଇନ୍‌ଙ୍କର ପ୍ରଥମ ରଚନା ହେଉଛି 'ଦି ଆଭିଏଟର'। ଏହା ହେଉଛି ଏକ ଉପନ୍ୟାସିକା ; ଯାହା ପ୍ରଥମେ ପ୍ରକାଶିତ ହୋଇଥିଲା ଏକ ମାଗାଜିନ୍‌ରେ। ପରେ ଏହାକୁ ପୁସ୍ତକର ରୂପ ଦିଆଯାଇଥିଲା। ଦ୍ୱିତୀୟ ପୁସ୍ତକ 'ସଦର୍ଣ୍ଣ ମେଲ୍'। ଆଣ୍ଟୋଇନ୍ ଜଣେ ବୈମାନିକ ହେବା ପୂର୍ବରୁ ଜର୍ଣ୍ଣାଲିଷ୍ଟ ଭାବରେ କିଛିଦିନ କାମ କରିଥିଲେ। ଜର୍ଣ୍ଣାଲିଷ୍ଟ ଭାବରେ ଅର୍ଜନ କରିଥିବା ଅଭିଜ୍ଞତାକୁ ନେଇ ସେ ଲେଖିଥିଲେ 'ସଦର୍ଣ୍ଣ ମେଲ'। ଏହାପରେ ପ୍ରକାଶ ପାଇଲା 'ନାଇଟ୍ ଫ୍ଲାଇଟ୍'। 'ନାଇଟ୍ ଫ୍ଲାଇଟ୍' ପ୍ରକାଶିତ ହେବା ପରେ ଫ୍ରାନ୍ସ ସାହିତ୍ୟ ତାଙ୍କୁ ଜାଣିଲା। ସେ ଯେ ଫରାସୀ ସାହିତ୍ୟର ଏକ ଉଜ୍ଜ୍ୱଳ ପ୍ରତିଭା ହେବାକୁ ଯାଉଛନ୍ତି ସେକଥା ସମସ୍ତେ ଅନୁମାନ କରିନେଇଥିଲେ। ତାଙ୍କର ସବୁଠାରୁ ବେଶି ଲୋକପ୍ରିୟ ପୁସ୍ତକ ହେଉଛି 'ଦି ଲିଟିଲ୍ ପ୍ରିନ୍ସ'। ଏହା ତାଙ୍କୁ କେବଳ ଫ୍ରାନ୍ସରେ ନୁହେଁ ; ସମଗ୍ର ବିଶ୍ୱରେ ଜଣେ ଦୂରଦ୍ରଷ୍ଟା ସାହିତ୍ୟିକର ମାନ୍ୟତା ପ୍ରଦାନ କରିଥିଲା।

୧୯୪୪ ମସିହା ଜୁଲାଇ ୩୧ ତାରିଖରେ ଏହି ପ୍ରତିଭାଧର ସାରସ୍ୱତ ସ୍ରଷ୍ଟାଙ୍କର ପରଲୋକ ଘଟିଥିଲା।



# ଦଶମ ଶ୍ରେଣୀର ପ୍ରେମିକା

– ସାଗରିକା ପଟ୍ଟନାୟକ

ଦଶମ ଶ୍ରେଣୀ ଖାତା ଭିତରେ
ମୋଡ଼ା ହୋଇ ରହିଥିବା ତୁମ
ଚିଠିଟା
ଆଜି ବି କଥା କହୁଛି
ନାଲି ନେଳି ସ୍କେଚ୍‌ପେନ୍‌ରେ
ପ୍ରେମର ସେ ଅଢ଼େଇ ଅକ୍ଷର
ଆଜି ବି କାଲିକୁ ମନେ ପକାଉଛି
ବୟସର ମଧ୍ୟାହ୍ନରେ ଶୋଇ ପଡ଼ିଥିବା
ଏକାକି ମନକୁ
ପ୍ରେମର ମଲମ ଲଗାଇ
ଆଜି ବି ସେ ସଜାଡୁଛି... ।

ନା.. ନା..
ଆକର୍ଷଣ ନ ଥିଲା ସେ
ଯାହା ଥିଲା ତୁମ ମୋ ଭିତରେ
ସମ୍ପର୍କର ଅକୁହା କଥାଟେ
ନା ଜୀବନର ଅଦେଖା ଢେଉଟେ
ଛୁଇଁଗଲା ; ହେଲେ ଓଦା କଲାନାହିଁ..
ପ୍ରତାରଣା ତ ନ ଥିଲା
ବୋଧେ ପିଲାଳିଆମି ଥିଲା
ହେଲେ, କେତେ ସୁନ୍ଦର ନ ଥିଲା !

ସେ ପରିଚୟ
ଖଟାମିଠା ସ୍ମୃତି
ଜୀବନର ନିରୋଳା ସଞ୍ଜରେ
ଚକ୍‌ଚକ୍ କରୁଛି
ଆଜି ବି ତମ ମନର
ସେଇ କେତୋଟି ଅକ୍ଷର
ସେଥିପାଇଁ ତ
ଖାତା ଭିତରର ସେଇ ଫର୍ଦ୍ଦଗୁଡ଼ାକୁ
ମୁଁ ସମ୍ଭାଳି ରଖିଛି... ।

– ବାଲିସିଂହା, କାକଟପୁର, ପୁରୀ, ୭୫୨୧୦୯



# ବାଦଲଫଟା ବର୍ଷା ଓ ଲକ୍ଷ୍ମୀମନ୍ତ ଝିଅ

ଡା. ମଣିରାମ ଜେନା

ରାଜପଥ କଡ଼ରେ ନୁରିଆର ପଲା । ତା’ ସ୍ତ୍ରୀ କେତେଥର କହିଲାଣି ଘରେ ଝିଅଟା ବଡ଼ ହେଲାଣି । ଏଠୁ ବସା ଉଠେଇ କୋଉ ଗାଁଗଣ୍ଡା ଭିତରେ ଥିବା କିଆ ଗୋହିରୀ କି ମଶାଣୀପଦାରେ ନୂଆ ପଲାଟିଏ ବସେଇବାକୁ । ନୁରିଆ ସେ କଥାକୁ ଉଡ଼େଇ ଦେଇଛି ।

ଶ୍ରାବଣ ମାସର ପ୍ରଥମ ସପ୍ତାହରେ ସଞ୍ଜ ପହରୁ ବାଦଲ ଫଟେଇ ବର୍ଷା ଅଜାଡୁଛି । ନୁରିଆ ଭୀଷଣ ଜ୍ୱରରେ କମ୍ପୁଛି । ଏଣେ ବର୍ଷାପାଣି ବଢ଼ିବଢ଼ି ତା’ ପଲାକୁ ଭସାଇବା ନେବା ଉପରେ ।

ସତସତିକା ସେଇ ବାଦଲଫଟା ବର୍ଷା ପାଣିରେ ତା’ ଯୁବତୀ ଝିଅଟା ଭାସିଗଲା । ଚାରିଆଡ଼େ ବନ୍ୟା । ପାଞ୍ଚଦିନ ପରେ ଜଣେ ବାବୁ ଗୋଟେ ବଡ଼କାରରେ ଆସି ତା’ ଭଙ୍ଗାପଲା ଆଗରେ ରହିଲେ । ତା’ ହାତରେ ବନ୍ୟାରେ ମରିଥିବା ଝିଅର କ୍ଷତିପୂରଣ ବାବଦକୁ ଚାରିଲକ୍ଷ ଟଙ୍କାର ଚେକ୍ ଆଉ ନୁରିଆ ଓ ତା’ ସ୍ତ୍ରୀ ପାଇଁ ଭତ୍ତା ପାଇବାର ସରକାରୀ ଚିଠି ଧରାଇ ଦେଇ ପଳେଇଗଲେ ।

ନୁରିଆ ମନେମନେ ଭାବୁଥିଲା ବାଦଲଫଟା ବର୍ଷା ସଞ୍ଜରେ ଜରୁଆ ଆଖିରେ ସେ ଏଇ ବାବୁଙ୍କୁ ତା’ ଘର ଭିତରେ ଦେଖି ଦେଇଥିଲା କି ?

– ବିଶେଷଜ୍ଞ,
*ପ୍ରାଣୀ ଚିକିତ୍ସା ପଲିକ୍ଲିନିକ୍*
*ଶହୀଦନଗର, ଭୁବନେଶ୍ୱର*

# ନାଟ ଚାଲିଛି

– ଶିବ ମିଶ୍ର

ସେ ଗାଁରେ ପ୍ରତିବର୍ଷ ଦୋଳ ପୂନେଇଁରେ ନାଟ ହୁଏ । ଏ ବର୍ଷ ବି ତାହାର ଯୋଗାଡ଼ କରାଗଲା । ନାଟ ବହି ଆସିଲା । ଶିଖାଇବା ପାଇଁ ଗୁରୁ ଆସିଲେ । ଗାଁର ବଗୁଲିଆ ଟୋକାଟିଏ ଭଲ ଅଭିନୟ କରେ । ତାକୁ ଡକାହେଲା । ସେତିକି ବେଳକୁ ଗାଁ କମିଟିର ସଭାପତି କହିଲେ– ଏଥର ନାଟରେ ସିଏ ଅଭିନୟ କରିବେ । ତାଙ୍କ କଥାକୁ କାଟିବ କିଏ ?

ସେ ନାଟରେ ମାତ୍ର ଦୁଇଟି ଚରିତ୍ର ଥିଲା । ଗୋଟିଏ ଭାଲୁ । ଆଉ ଗୋଟିଏ ମାଙ୍କଡ଼ । ନାଟଗୁରୁ କହିଲେ, ଟୋକାଟା ଭଲ ନାଚି ପାରିବ । ତେଣୁ ସିଏ ଭାଲୁ ହେବ । ସଭାପତି ବୟସ୍କ ଲୋକ ହୋଇଥିବାରୁ ସିଏ ମାଙ୍କଡ଼ ହେବେ । ଠେଙ୍ଗାଧରି ନାଚିବେ । ତାଙ୍କ କଥା ଶୁଣି ସଭାପତି କହିଲେ– ସିଏ ମାଙ୍କଡ଼ ହେବେ ନାହିଁ । ଭାଲୁ ହେବେ ।

ଏତେବେଳ ଯାଏ ପାଟି ମୁଦି ବସିଥିବା ସେ ବଗୁଲିଆ ଟୋକା ସଭାପତିଙ୍କୁ କହିଲା– ତମେ ତ ସତସତିକା ଭାଲୁ ହୋଇ ଗାଁର କେତେ ଲୋକଙ୍କ ରକତ ମାଉଁସ ଖାଇ ସାରିଲଣି । ଏବେ ନାଟରେ ମାଙ୍କଡ଼ ହୁଅ ।

ସେ ଟୋକର ଏଇ ପଦକ କଥାକୁ ନେଇ ଏବେ ମାସେ ହେଲା ଗାଁରେ କି ଦିନ କି ରାତି ନାଟ ଚାଲିଛି ଯେ ଚାଲିଛି ।

*– ବାଣପୁର, ଖୋର୍ଦ୍ଧା*

# ତୋ ଅପେକ୍ଷାରେ...

– କୀର୍ତ୍ତିଚନ୍ଦ୍ରିକା ଶତପଥୀ

ତୁ ଆସିଛୁ ବୋଲି ଜାଣି
ପ୍ରତ୍ୟୟଭରା ପ୍ରତିଶ୍ରୁତିରେ
ଅପେକ୍ଷାରତ ତୋ ପାଇଁ
ବ୍ୟସ୍ତତା ଭିତରେ ବି
ସମୟ ପାଇଲେ
ବ୍ୟାକୁଳ ହୋଇ
ମୁଁ ଅନୁଭବ କରେ
ତୋ ଅସ୍ତିତ୍ୱକୁ ॥

କୋଇଲିର ସ୍ୱର ଶୁଭେନା
ଶୁଭେ ତୋ ସ୍ୱର
ହଳଦୀ ବସନ୍ତର ମୁହଁ ଦିଶେନା
ଦିଶେ ତୋ ମୁହଁ
ମୋ କ୍ଲାନ୍ତ ଆଖିରେ
ତୁ ଏକ ଅସୁମାରୀ
ଆଶାର ଯୋଛନା
ମୋ ସ୍ୱପ୍ନର ଦୁନିଆରେ
ତୁ ଅନାବନା ଗୀତଟିଏ
ମୋର ପ୍ରତିଟି ଅସମାପ୍ତ କବିତାରେ
କେବଳ
ତୁ ହିଁ ତୁ ॥

– ଧର୍ମଶାଳା, ଯାଜପୁର



# ଏଥର ବାୟୋପିକ୍

ନିର୍ଦ୍ଦେଶକ ରୋହିତ ସେଟ୍ଟି ଏବେ ଫୁଲ୍ ବିଜି। କାରଣ ପ୍ରଥମ ଥର ପାଇଁ ସେ ଏକ ବାୟୋପିକର ନିର୍ଦ୍ଦେଶନା ଦେବାକୁ ମନ ବଳାଇଛନ୍ତି। ହେଲେ କାହା ଉପରେ ସେ ଏଭଳି ସିନେମା ନିର୍ମାଣ କରିବେ ? ମରାଠା ବୀର ଛତ୍ରପତି ଶୀବାଜୀଙ୍କ ଜୀବନୀକୁ ନେଇ ସେ ଆଗେଇବେ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ରୋହିତ କହନ୍ତି, 'ଯା ଭିତରେ ତ ମୁଁ ଅନେକ ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛି। ହେଲେ କେବେ ବାୟୋପିକ୍‌ର ନିର୍ଦ୍ଦେଶନା ଦେଇନାହିଁ। ଯଦି ଭବିଷ୍ୟତରେ ମୋତେ ଏଭଳି ସୁଯୋଗ ମିଳେ ତେବେ ଶୀବାଜୀଙ୍କ ଜୀବନାଦର୍ଶକୁ ନେଇ ହିନ୍ଦୀ ସିନେମାଟିଏ ନିର୍ମାଣ କରିବି। ଅବଶ୍ୟ କିଛି ଦିନ ପୂର୍ବରୁ ଏଭଳି ଏକ ଚିନ୍ତାଧାରା ମୋ ମନକୁ ଆସିଥିଲା। ତେବେ କିଛି ଫାଇନାଲ ହୋଇନାହିଁ। କୌଣସି ସିନେମାକୁ ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ ଅଡିଏନ୍ସଙ୍କ କଥାକୁ ସବୁବେଳେ ପ୍ରାଥମିକତା ଦେଇଥାଏ। ତେଣୁ ବାୟୋପିକ ନିର୍ମାଣ ସମୟରେ ମଧ୍ୟ ତାହାକୁ ଗୁରୁତ୍ୱ ଦେବି।' ତା'ହେଲେ ରୋହିତ କେବେ ବାୟୋପିକ୍ ନିର୍ଦ୍ଦେଶନା ଦେଉଛନ୍ତି ତାହା ଜାଣିବାକୁ ଆମକୁ ଅପେକ୍ଷା ହିଁ କରିବାକୁ ପଡିବ। ସୂଚନାଯୋଗ୍ୟ ରୋହିତଙ୍କ ନିର୍ଦ୍ଦେଶନାରେ 'ସିମ୍ବା' ଏବଂ 'ଜିରୋ' ରିଲିଜ ଅପେକ୍ଷାରେ ରହିଛି।


ରୋହିତ ସେଟ୍ଟି


ଅଙ୍କିତା-ଓମ୍-ସମତା

# ହଣ୍ଡ୍ରେଡ ପରସେଣ୍ଟ ଲଭ୍

ପ୍ରେମର ଏକ ନୂଆ ଫର୍ମୁଲା, ଯାହାକୁ ଆଧାର କରି ପ୍ରେମୀ ଯୁଗଳ କିପରି ସଫଳତା ହାସଲ କରୁଛନ୍ତି ତାହାକୁ ଆଧାର କରି କାହାଣୀ ରଚିତ। ସେପରି ବିଷୟବସ୍ତୁକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ହଣ୍ଡ୍ରେଡ ପରସେଣ୍ଟ ଲଭ୍'। କେବଳ ପ୍ରେମୀ ଯୁଗଳଙ୍କ ପ୍ରେମ ନୁହେଁ, ପରିବାରରେ ଖୁସିର ମାହୋଲ ସୃଷ୍ଟି କରିବାକୁ ଏଥିରେ ମସଲା ରହିଛି। ଏଥିରେ ଏକ ନୂଆ ଯୋଡିକୁ ପ୍ରଯୋଜନା ସଂସ୍ଥା ବ୍ରେକ ଦେବାକୁ ଯାଉଛି। ଏହି ଯୋଡି ହେଲେ ଓମ୍ ଏବଂ ଅଙ୍କିତା ଭୌମିକ। ଏହି ଫିଲ୍ମରେ ଆଉ ଜଣେ ନବାଗତା ସମତା ମଧ୍ୟ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବେ। ଖାସ୍ କଥା ହେଲା, ଆଲବମ ଜଗତର ନାମୀ କୋରିଓଗ୍ରାଫର ଲୁବୁନ୍-ତୁବୁନ୍ ଯୋଡି ଏହାର ନିର୍ଦ୍ଦେଶନା ଦେବେ। ଦୁହେଁ, ପ୍ରଥମ ଥର ପାଇଁ ବଡ ପରଦାର ଏଭଳି ହଟ୍ ସିଟ୍‌ରେ ବସିବେ। ନିଜ କାହାଣୀକୁ ସଂଳାପରେ ସଜାଇଛନ୍ତି ବାପୁ ଗୋସ୍ୱାମୀ। ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଏବଂ ସୁଦୀପ୍ତ ସୁନ୍ଦରଙ୍କ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଲଳିତ କୁମାର। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଆଶୁତୋଷ, ଅମ୍ରିତା, ଅର୍ପିତା, ଦୀପ୍ତିରେଖା ଏବଂ ଅସୀମା ପଣ୍ଡା। ଏସ.ଏସ. ଫିଲ୍ମସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ତଥା ବୁଦ୍ଧଦେବ ସାହୁ ଏବଂ ବୀରେନ୍ ମହାପାତ୍ରଙ୍କ ପ୍ରଯୋଜନାରେ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି କୁନା ତ୍ରିପାଠୀ, ସମରେଶ ରାଉତରାୟ, ସରୋଜ ଦାସ, ବ୍ରଜ ସିଂ, ପ୍ରଜ୍ଞା, ଗୁଞ୍ଜୁ, ପ୍ରିୟଙ୍କା ପଟ୍ଟନାୟକ ସଲିଲ ମିତ୍ର ପ୍ରମୁଖ କଳାକାର।

# ସମୟାନୁବର୍ତ୍ତୀ କ୍ୟାଟ୍ରିନା

କ୍ୟାଟ୍ରିନା କୈଫଙ୍କ ସମୟାନୁବର୍ତ୍ତିତାକୁ ନେଇ ଏବେ ଚର୍ଚ୍ଚା। କିପରି ଫିଲ୍ମର ଶୁଟିଂ ନିର୍ଦ୍ଧାରିତ ତାରିଖରେ ଶେଷ ହେବ ସେଥିପାଇଁ ନିଜେ ଅଣ୍ଟା ଭିଡିଦେଇଛନ୍ତି। ନିଜେ ଶୁଟିଂ ସେଟ୍‌ରେ ଠିକ ସମୟରେ ପହଞ୍ଚି ଯାଉଛନ୍ତି। ଆଉ ଏଭଳି ଘଟଣା ଦେଖିବାକୁ ମିଳିଛି ନିର୍ମାଣାଧୀନ ହିନ୍ଦୀ ସିନେମା 'ଭାରତ'ର ଶୁଟିଂ ସେଟ୍‌ରେ। ତାଙ୍କ ମନରେ ହଠାତ୍ ଏପରି ସମୟ ଜ୍ଞାନ କାହିଁକି ଉଦ୍ରେକ ହେଲା ତାହାର ମଧ୍ୟ ସଫେଇ ଦେଇଛନ୍ତି। 'କେବଳ ଅଭିନୟ ଜୀବନ ନୁହେଁ, ଅନ୍ୟ କାମରେ ମୁଁ ସମୟକୁ ବେଶ୍ ଗୁରୁତ୍ୱ ଦେଇଥାଏ। ମୋ ପାଇଁ କିଏ ହଇରାଣ ହେଉ ତାହା ମୁଁ ଚାହେଁନା। 'ଭାରତ' ଫିଲ୍ମରେ ମୋତେ ମୋ ଡ୍ରିମ ରୋଲ୍ ମିଳିଛି। ଏହାକୁ ନେଇ ମୁଁ କେତେ ଖୁସି ତାହା ବର୍ଣ୍ଣନା କରିପାରିବି ନାହିଁ। ମୋ ମତରେ ଆମେ ଯଦି ସବୁ କଥାରେ ସମୟାନୁବର୍ତ୍ତୀ ହେବା ସେଥିରେ କ୍ଷତି କ'ଣ।' ଅଲ୍ଲୀ ଆବାସ ଜାଫରଙ୍କ ନିର୍ଦ୍ଦେଶନାରେ ଏହାର ଶୁଟିଂ ଏବେ ବିଦେଶରେ ଚାଲୁ ରହିଛି। ଏଥିରେ ନାୟକ ଭୂମିକାରେ ସଲମାନ ଖାଁ ଅଭିନୟ କରୁଥିବା ବେଳେ ଦିଶା ପଟାନି, ତବୁ, ସୁନୀଲ ଗ୍ରୋଭର ମଧ୍ୟ ଏଥିରେ ଅଭିନୟ କରୁଛନ୍ତି। ଫିଲ୍ମଟି ଆସନ୍ତାବର୍ଷ ଜୁନ୍‌ରେ ପରଦା ଉପରକୁ ଆସିବ।

# ଘାରିଛି ବ୍ୟାଡମିଣ୍ଟନ ନିଶା

ଶ୍ରଦ୍ଧା କପୁରଙ୍କୁ ଏବେ ବ୍ୟାଡମିଣ୍ଟନ ନିଶା ଘାରିଛି। ସମୟ ମିଳିଲା ମାତ୍ରେ ସେ ର୍‌ୟାକେଟ ଏବଂ କର୍କ ଧରି ବାହାରି ପଡୁଛନ୍ତି। କାରଣ କ'ଣ ଜାଣନ୍ତି ? ତାଙ୍କୁ ମିଳିଥିବା ଭୂମିକାକୁ ତୁଲାଇବା ପାଇଁ ସେ ଏଭଳି ପଦ୍ଧତି ଆପଣେଇଛନ୍ତି। କାରଣ ଖୁବ୍ ଶୀଘ୍ର ସେ ଏକ ଚ୍ୟାଲେଜିଂ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହେୱାଲଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଥିବା ହିନ୍ଦୀ ସିନେମା 'ସାଇନା'ର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସେ । ଏଭଳି ରୋଲ୍ ସମ୍ପର୍କରେ ଶ୍ରଦ୍ଧା କହନ୍ତି, 'କେବଳ ଏହି ଫିଲ୍ମ ନୁହେଁ ସେଥିରେ ମୋତେ ମିଳିଥିବା ଟାଇଟଲ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ। ଯେତେବେଳେ ମୋତେ ଏହି ଅଫର ମିଳିଲା ସେତେବେଳଠାରୁ ଜାଣି ନେଇଥିଲି ଯେ ଏଥିପାଇଁ ବେଶ୍ ପରିଶ୍ରମ କରିବାକୁ ପଡିବ। ରୋଲକୁ ସଫଳ କରିବାକୁ ଯେତେ କଷ୍ଟ କରିବାକୁ ପଡିବ ସେ ନେଇ ଆଦୌ ଚିନ୍ତା କରିବି ନାହିଁ।' କେବଳ ସେତିକି ନୁହେଁ ଶ୍ରଦ୍ଧା ଏବେ ସାଇନାଙ୍କ ପ୍ରଶଂସାରେ ଶତମୁଖ। ତେବେ ଏପରି ଭୂମିକାକୁ ଶ୍ରଦ୍ଧା କେତେ ସକ୍‌ସେସ୍ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।



# କପିଲଙ୍କ ଫଣ୍ଡା

କମେଡି କିଙ୍ଗ ଭାବରେ ପରିଚିତ କପିଲ ଶର୍ମା ପୁଣି ଥରେ 'ଦ କପିଲ ଶର୍ମା ଶୋ'କୁ ଫେରୁଛନ୍ତି। କିଛି ଦିନ ଏହାଠାରୁ ଦୂରେଇ ରହିବା ପରେ ସେ ପୁଣି ଥରେ ଏହାର ଶୁଟିଂରେ ଯୋଗଦେବେ। ତେବେ ସେ କ'ଣ ପାଇଁ ଶୋ'ଠାରୁ ଦୂରେଇ ଯାଇଥିଲେ ଜାଣିବେନି ? କପିଲ ନିଜ ଫିଜିକାଲ ଫିଟନେସ ପ୍ରତି ଅଧିକ ସମୟ ଦେବାକୁ ଏଭଳି ନିଷ୍ପତ୍ତି ନେଇଥିଲେ। ଅକ୍ଷୟ କୁମାରଙ୍କ ଧର୍ମପତ୍ନୀ ଟ୍ୱିଙ୍କିଲ ଖାନ୍ନାଙ୍କ ସଦ୍ୟ ପ୍ରକାଶିତ ଉପନ୍ୟାସ 'ପାଇଜାମାସ ଆର୍ ଫରଗିଭିଙ୍ଗ' ପଢ଼ିବା ପରେ ସେ ନିଜ ଶରୀର ପ୍ରତି ଅଧିକ ଧ୍ୟାନ ଦେଇଥିଲେ। କେବଳ ସେତିକି ନୁହେଁ, ବାଙ୍ଗାଲୋରରେ ଅବସ୍ଥିତ ଏକ ଆୟୁର୍ବେଦିକ ଆଶ୍ରମରେ ସେ କିଛି ଦିନ ରହି ନିଜର ଓଜନ କମାଇପାରିଛନ୍ତି। ଅଳ୍ପ ଦିନ ମଧ୍ୟରେ ସେ ପାଖାପାଖି ୧୫ କିଗ୍ରା ଓଜନ କମାଇଛନ୍ତି। ତା' ସହ ଖୁବ୍ ଶୀଘ୍ର ତାଙ୍କର ପପୁଲାର କମେଡି ଶୋ 'ଦ କପିଲ ଶର୍ମା ଶୋ'କୁ ଫେରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଆଉ ଏସବୁର ଶ୍ରେୟ ସେ ଟ୍ୱିଙ୍କିଲ ଖାନ୍ନାଙ୍କୁ ଦେଇଛନ୍ତି।


କ୍ୟାଟ୍ରିନା


ଶ୍ରଦ୍ଧା

## ପ୍ରଥମ ରୋଜଗାର

# ପୂଜା ପାଇଁ ଶ୍ୱଶୁରଙ୍କୁ ଦରମା ଟଙ୍କା ଦେଇଥିଲି

ଅବସରପ୍ରାପ୍ତ ପ୍ରଫେସର୍ ତଥା ଲେଖିକା **ଡ. ସଂଘମିତ୍ରା ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ଖଣ୍ଡସାହି ଗ୍ରାମରେ ୧୯୫୩ ମସିହାରେ ମୋର ଜନ୍ମ। ବାପା ବଂଶୀଧର ମିଶ୍ର ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ବିଦେଶୀ ଶାସକ ଆଖିରେ ଧୂଳିଦେଇ ସେ ୧୯୨୮ ମସିହାରେ ବିଦେଶ ଯାଇଥିଲେ ଯେ ଫେରିଲେ ୧୯୫୧ ମସିହାରେ। ବାପା ବିଦେଶ ଯିବାବେଳକୁ ବଡ଼ ଭଉଣୀ ଜନ୍ମ ହୋଇସାରିଥାଏ। ସେ ମୋଠାରୁ ୨୫ ବର୍ଷ ବଡ଼। ବହୁଦିନ ଧରି ବାପା ନ ଫେରିବାରୁ ଗାଁଲୋକେ ମୋ ବୋଉକୁ ପଳାଶପତ୍ର ଦାହ କରି ବିଧବା କରିଦେବାକୁ ଚାହୁଁଥିଲେ। କିନ୍ତୁ ବାପା ଫେରିଆସିବା ପରେ ପୁଣି ସବୁ ଠିକ୍ ହୋଇଯାଇଥିଲା। ପିଲାଟି ଦିନରୁ ବେଶ୍ ଶୃଙ୍ଖଳିତ ଭାବେ ମୋ ଜୀବନ ଗଢିହୋଇଛି। ସେବେ ମାଡ଼ଗାଳି ନ ଥିଲା, ଥିଲା ଉପଦେଶ ମାଧ୍ୟମରେ ଶିକ୍ଷା। ପିଠାଗଢା, ବଡ଼ି ଗଢା, ଚିତା ଓ ମୁରୁଜ ଲେଖା, ଫୁଲଗୁନ୍ଥା, ଆସନ ତିଆରି ସହିତ ପଢା ଚାଲିଥିଲା। ଏମିତିରେ ୧୯୭୦ରେ ଫାଷ୍ଟ ଇୟର୍ ଡିଗ୍ରୀ ପରୀକ୍ଷା ପରେ ମୋ ବାହାଘର ହେଲା। ବାହାଘର ପରେ ପରିବାରର ଦାୟିତ୍ୱ ସାଙ୍ଗକୁ ପୁଣି ପାଠପଢା ଆରମ୍ଭ କଲି। ୧୯୭୩ରେ ଓଡ଼ିଆ ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବାର ସୌଭାଗ୍ୟ ପାଇଲି। ସେତେବେଳକୁ ମୋର ପୁଅଝିଅ ଦୁଇଜଣ ଯାକ ଜନ୍ମ ହୋଇସାରିଥିଲେ। ତା'ପରେ ବାଣୀବିହାରରେ ଓଡିଆରେ ଏମ୍.ଏ ଓ ପରେ ରିଜିଓନାଲ୍ କଲେଜରେ ବି.ଇଡି କଲି। ୧୯୭୭ରେ ମୋର ଆଡ୍‌ହକ୍ ଆପଏଣ୍ଟମେଣ୍ଟ ହେଲା ବି.ଜେ.ବି. ଇଭିନିଂ କଲେଜରେ। ସେତେବେଳେ ଆଡ୍‌ହକ୍‌ରେ ଚାକିରି କଲେ ୬ ମାସରେ ଥରେ ଦରମା ମିଳୁଥିଲା। ତେଣୁ ମୋ ଦରମା ପାଇବାକୁ ନେଇ ପୁଅଝିଅଙ୍କ ସହିତ ଶ୍ୱଶୁର ବି ବେଶ୍ ଆଗ୍ରହୀ ଥିଲେ। ସେ କହୁଥିଲେ, ବୋହୂର ଚାକିରି ପଇସାରେ ପ୍ରଥମେ ମାନସିକ ପୂଜା କରିବେ। ଆମବେଳେ ବେସିକ୍ ଦରମା ଥିଲା ୫୨୫ ଟଙ୍କା, ଡି.ଏ. ଇତ୍ୟାଦି ମିଶି ମାସିକ ୬୧୬ ଟଙ୍କା ହିସାବରେ ଛଅମାସ ପରେ ଯେବେ ଦରମା ପାଇଲି ପ୍ରଥମେ କିଛି ଟଙ୍କା ଶ୍ୱଶୁରଙ୍କୁ ଦେଇଥିଲି ପୂଜା କରିବାକୁ, କିଛି ଟଙ୍କାରେ ଶାଶୁଙ୍କ ପାଇଁ ଶାଲ୍ କିଣିଥିଲି ଆଉ କିଛି ଟଙ୍କାରେ ପିଲାମାନଙ୍କୁ ନେଇ ନନ୍ଦନକାନନ ଯାଇଥିଲି ବୁଲିବାକୁ। ତା'ପରେ ଆଉ ଯାହା ବଳିଲା ସେଥିରେ ପିଏଚ୍.ଡି ପାଇଁ ରେଜିଷ୍ଟ୍ରେଶନ କଲି। ଏକଥା ଶୁଣି ଶ୍ୱଶୁର କହିଲେ, 'ଏତେ କଷ୍ଟ କରି ପାଠ ପଢିଲୁ, ଚାକିରି ବି କଲୁ, ପୁଣି କି ପାଠ ପଢିବୁ' ? କ'ଣ ହଜାର ଟଙ୍କା ଦରମା ପାଇବୁ? ଆଜି ସେ ସବୁ କଥା ମନେ ପଡ଼ିଲେ ଆନନ୍ଦ ଲାଗୁଛି। ଠିକ୍ ସେମିତି ମୁଣ୍ଡଳିସ୍ଥିତ ନବୋଦୟ ବିଦ୍ୟାଳୟକୁ ଯାଇଥିଲି ମୋ ଜୀବନର ପ୍ରଥମ ଭାଷଣ ଦେବାକୁ। ଏଥିପାଇଁ ମୋତେ ୨୦୦ ଟଙ୍କା ମିଳିଥିଲା। ସେହି ଟଙ୍କାରେ ମୋ ବୋଉ ପାଇଁ ବି ଏକ ଶାଲ୍ କିଣିଥିଲି। ବୋଉ ବହୁତ ଖୁସି ହୋଇଥିଲା। ବୋଉର ଦେହାନ୍ତ ପରେ ତା'ର ସ୍ମୃତି ସ୍ୱରୂପ ସେହି ଶାଲ୍‌ଟିକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ମୋ ପାଖେ ସାଇତି ରଖିଥିଲି। କ୍ରମେ ଚାକିରି ସହ ଲେଖାଲେଖି ବି କଲି। ୧୯୭୯ରେ ମୋର ପ୍ରଥମ କବିତା ବହି 'ମମତାର ଉପପାଦ୍ୟ' ଛପା ହେଲା। ତା'ପରେ ଆଲୋଚନା, ସମାଲୋଚନା, ମୌଳିକ ପ୍ରବନ୍ଧ, ଫିଚର୍, ନାଟକ, ଅନୁବାଦ, ଶିଶୁ ସାହିତ୍ୟ, ଜୀବନୀ ଓ ଆତ୍ମଜୀବନୀ ଇତ୍ୟାଦି ଲେଖିଲି। ଯା'ଭିତରେ ମୋର ୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶ ପାଇସାରିଲାଣି। ତା'ସାଙ୍ଗକୁ କେତେକ ପୁସ୍ତକର ମୁଖବନ୍ଧ ଲେଖିବା ସହ ଅନେକ ପୁସ୍ତକ ସମ୍ପାଦନା ବି କରିସାରିଲିଣି। ଖାସ୍ କରି ମୋ ବାପାଙ୍କ ଜୀବନୀ 'ଇତିହାସର ହଜିଲା ଖିଅ' ରଚନା କରିବା ଥିଲା ମୋ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ତେବେ ଏହି ଲେଖାଲେଖିକୁ ନେଇ ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଆହୁରି ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ମୋତେ ମିଳିସାରିଲାଣି। ଯେବେ ବି ମୁଁ ପୁରସ୍କାର ଅବା ସମ୍ବର୍ଦ୍ଧନା ପାଏ, ମୋ ପୁଅଝିଅ ମୋତେ ନିଶ୍ଚୟ କିଛି ଉପହାର ଦେଇଥାନ୍ତି, ଯାହା ମୋ ପାଇଁ ଖୁବ୍ ଆନନ୍ଦଦାୟକ। ତେବେ ୨୦୧୩ ମସିହାରେ ବାଣୀବିହାରର ପ୍ରଫେସର୍ ଭାବେ ଚାକିରିରୁ ଅବସର ନେବା ପରଠୁ ଲେଖାଲେଖି ସହ ବିଭିନ୍ନ ପ୍ରକାର ସମାଜମଙ୍ଗଳ କାର୍ଯ୍ୟ କରି ମୁଁ ମୋର ସମୟ ଅତିବାହିତ କରୁଛି।



ସାଥୀ

# ବେସୁରା ଗୀତକୁ ଅଲଣା କଥା, ଘଡ଼ିକି ଘଡ଼ି ଘୂରାଏ ମଥା

**ପ୍ରଶ୍ନ**–ଯେତେ ଥର ପ୍ରେମ କରିବାକୁ ଚେଷ୍ଟା କରୁଛି ଅସଫଳ ହେଉଛି କାହିଁକି ? ମୁଁ କ'ଣ କେବେ ପ୍ରେମ କରିପାରିବି ନାହିଁ ?

*–ସନ୍ତୋଷ ନାୟକ, ଚମ୍ପୁଆ, କେଉଁଝର*

**ଉତ୍ତର:** ଆପଣ ପ୍ରେମ କରିପାରିବେ ନାହିଁ ବୋଲି ଧାରଣା ମନରେ ଆଣନ୍ତୁ ନାହିଁ। କାରଣ ଏଭଳି ମନୋଭାବ ନେଇ ପ୍ରେମ କରିବାକୁ ବାହାରିଲେ ଲାଭ କିଛି ହେବ ନାହିଁ। ଗୋଡ଼ ଆଗକୁ ଯିବ କ'ଣ, ମନରେ 'କିନ୍ତୁ, ହେଲେ, ଯଦି' ଆଦି ପ୍ରଶ୍ନ ଉଠିବ। ତାକୁ ସମାଧାନ କରୁ କରୁ ପାଗ ବିଗିଡ଼ିଯାଇଥିବ। ବାକି ରହିଲା ଏକତରଫା ପ୍ରେମ କଥା। 'ବେସୁରା ଗୀତକୁ ଅଲଣା କଥା, ଘଡ଼ିକି ଘଡ଼ି ଘୂରାଏ ମଥା।' ଠିକ୍ ସେହିପରି ଏକତରଫା ପ୍ରେମ ସ୍ୱାଦହୀନ ପୋଡ଼ା ତରକାରି ପରି। ତେଣୁ ମନକୁ ଦୃଢ଼ କରି ଆଗାନ୍ତୁ, ସମୟ ଆସିବ ଆପଣଙ୍କ ପ୍ରେମ ମିଶନ ନିମିଷକ ମଧ୍ୟରେ ସଫଳ ହେବ।

**ପ୍ରଶ୍ନ**–କହିବେ କି ସାଥୀ, ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିଲେ ମଧ୍ୟ କେତେକ ଅସାମାଜିକତାକୁ କାହିଁକି ଆପଣେଇ ନିଅନ୍ତି ?

*–ବିଜୁ ସାହୁ, ଭୂମିକା ଭେରାଇଟି ଷ୍ଟୋର, ନାଗବାଲି ବଜାର, କଟକ*

**ଉତ୍ତର:** ଯାହାର ମନ ଯେଡ଼େ ତାହାର ପ୍ରଭୁ ସେଡ଼େ। ତେଣୁ କାହାର ମାନସିକତାକୁ ଆମେ ସହଜରେ ମାପିପାରିବା ନାହିଁ। ନିଆଁ ଉତ୍ତପ୍ତ ଏବଂ ସେଥିରେ ଗୋଡ଼ ପୂରାଇଲେ ପୋଡ଼ିଯିବ କିଏ ନ ଜାଣେ କହିଲେ, ହେଲେ କେତେକେ ଜାଣିଶୁଣି ଏଭଳି କାମ କରିବାକୁ ପଶ୍ଚାତପଦ ହୋଇ ନ ଥାନ୍ତି। ତେଣିକି ନିଜ କର୍ମକୁ ନେଇ ଫଳ ବିଧାତା ଯୋଖିଦେଇଛି। ଯିଏ ଯାହା କରିବ ତାହାର ଫଳ ମିଠା ହେବ କି ଖଟା ତାହା ପୂର୍ବରୁ ଟିକେ ଚିନ୍ତାକଲେ ହୁଅନ୍ତାନି !

**ପ୍ରଶ୍ନ**–ମୁଁ କଲେଜ ଯିବା ସମୟରେ ଜଣେ ଝିଅ ମୋତେ ଦେଖି ମୁରୁକି ହସି ଦିଏ ଏବଂ କଣେଇ କଣେଇ ଚାହିଁଦିଏ। କାହିଁକି ?

*–ମୀନା ବେହେରା, ଖଣ୍ଡାଏତା କଟକ*

**ଉତ୍ତର:** କୁଆଁରୀ ଆଖିରେ ପ୍ରେମର ଇସାରା ଭରି ରହଥାଏ। ତାକୁ କେବଳ ପଢ଼ି ପାରିଲେ ହେଲା। ଜଣେ ଝିଅ ଆପଣଙ୍କୁ କଣେଇ କଣେଇ ଚାହୁଁଛି, ମୁରୁକି ହସି ଦେଉଛି– ଯା'ଠାରୁ ଆଉ ଗୋଲ୍‌ଡେନ ଅପରଚ୍ୟୁନିଟି କ'ଣ ଥାଇପାରେ ? ସେହି ରୂପସୀର ମିଠା ହସରୁ ପ୍ରେମର ଝଲକ ଦେଖିପାରୁନାହାନ୍ତି ? ଯଦି ହଁ, ତେବେ ଭାବି ଭାବି ଆଉ ସମୟ ନଷ୍ଟ କରୁଛନ୍ତି କାହିଁକି ? ମନ ଖୋଲି ତାକୁ 'ଆଇ ଲଭ ୟୁ' କହି ଦିଅନ୍ତୁ ନା ! ସେପଟୁ ସିଗ୍‌ନାଲ ମିଳିଗଲେ କେବଳ ଧାଡ଼ି ଦେଖି ମାଡ଼ିଯିବା କଥା।

**ପ୍ରଶ୍ନ**–କେତେକ ପ୍ରେମିକ–ପ୍ରେମିକା ବାହାହୋଇ ଘରସଂସାର କରିବାକୁ ଚାହାନ୍ତି। ପୁଣି ଆଉ କେତେକେ ପ୍ରେମକୁ ଟାଇମ ପାସ୍ ଭାବରେ ଗ୍ରହଣ କରି ତା' ସହ ଖେଳି ଥାଆନ୍ତି। ସେମାନେ ଏମିତି କାହିଁକି କରନ୍ତି ?

*–ସାରଥି ମଲ୍ଲିକ,ଅମରପାଲି, ବୀରମହାରାଜପୁର, ସୋନପୁର*

**ଉତ୍ତର:** ପ୍ରେମର ସବୁବେଳେ ଦୁଇଟି ସାଇଡ୍ ଇଫେକ୍ଟ ଥାଏ– ଗୁଡ୍ ଆଉ ବ୍ୟାଡ୍। ଯଦି ପ୍ରେମ ଠିକ୍ ଭାବରେ ଚାଲିଲା ତେବେ କିଛି ପରବାୟ ନାହିଁ। ଯେତେବେଳେ ପ୍ରେମ ସହ କେହି ଖେଳିବାକୁ ଚେଷ୍ଟା କରନ୍ତି,ସେହି ଅନୁସାରେ ଫଳ ମଧ୍ୟ ଭୋଗିଥାଆନ୍ତି। ତେଣୁ ସବୁବେଳେ ନିର୍ମଳ ପ୍ରେମ କରନ୍ତୁ ସକ୍‌ସେସ୍ ହେବାର ଯଥେଷ୍ଟ ଚାନ୍ସ ରହିଛି।

# ଟ୍ରେଣ୍ଡି ପ୍ୟାଣ୍ଟସ୍







**ଜିନ୍ସ, କ୍ୟାପ୍ରି, ଲେଗିଙ୍ଗସ୍ ଓ ପାରମ୍ପରିକ ସାଲୱାର୍ ପିନ୍ଧି ପିନ୍ଧି ଯଦି ବୋର୍ ହୋଇଗଲେଣି, ତେବେ ଟ୍ରାଏ କରନ୍ତୁ ନିମ୍ନରେ ଦିଆଯାଇଥିବା ଏହିସବୁ କୁଲ୍ ପ୍ୟାଣ୍ଟସ୍। ଆଉ ପାଆନ୍ତୁ ଫ୍ରେସ୍ ଓ ଷ୍ଟାଇଲିସ୍ ଲୁକ୍..**





**କ୍ୟୁଲଟ୍ସ**– ଏହି ପ୍ୟାଣ୍ଟ ବହୁତ ଫ୍ଲୋଇ ଓ କମ୍ଫର୍ଟେବୁଲ୍ ହୋଇଥାଏ। ପ୍ଲାଜୋର କୌଣସି ଅନ୍ୟ ଅପ୍ସନ ଚାହୁଁଥିଲେ ତା'ହେଲେ ଏହାକୁ ଟ୍ରାଏ କରିପାରିବେ। ଏହାର ଲମ୍ବ ଆଣ୍ଠୁ ପର୍ଯ୍ୟନ୍ତ ହୋଇଥିବାରୁ ଏହାକୁ ପିନ୍ଧି ଚାଲିବାରେ ବି ଅସୁବିଧା ହୋଇ ନ ଥାଏ। ଏହାସହିତ କ୍ରପ୍ ଟପ୍, ଅଫ୍ କିମ୍ବା କୋଲ୍ଡ ଶୋଲ୍ଡର୍ ଟପ୍ସ ପେୟାର କଲେ ଭଲ ଲାଗେ।

**ସିଗରେଟ୍ ପ୍ୟାଣ୍ଟସ୍**– ଏହାକୁ ଆପଣ ଶର୍ଟ କିମ୍ବା କୁର୍ତ୍ତା ସହିତ କ୍ୟାରୀ କରିପାରିବେ। ଚୁଡ଼ିଦାର, ଲେଗିଙ୍ଗସ୍‌କୁ ଛାଡି ଏହାକୁ ଟ୍ରାଏ କରନ୍ତୁ। ଦେଖିବେ ଏକ ଭିନ୍ନ ଷ୍ଟାଇଲିଶ୍ ଲୁକ୍ ମିଳିବ। ଇଣ୍ଟରଭ୍ୟୁ ଅବା ଅଫିସ୍ ଯାଉଥିଲେ ସାଧାରଣ ଆଣ୍ଠୁ ଲମ୍ବର କୁର୍ତ୍ତି ସହ ଏହାକୁ କ୍ୟାରୀ କରନ୍ତୁ। ପାର୍ଟି ପାଇଁ କ୍ରପ୍ ଟପ୍ ଅବା ସ୍ଲିଟ୍ କୁର୍ତ୍ତି ସହ ଏହାକୁ ପେୟାର କରିପାରିବେ। ଏହି ପ୍ୟାଣ୍ଟର ପ୍ଲେନ୍ ଓ ପ୍ରିଣ୍ଟେଡ ସବୁ ପ୍ରକାରର ଅପ୍ସନ ଉପଲବ୍ଧ। ମଡର୍ନ ଲୁକ୍ ପାଇଁ ଏହାସହ ଟ୍ରେଣ୍ଡି ଟେଲ୍ କଟ୍ କୁର୍ତ୍ତି ଓ ଫ୍ଲେୟର୍ଡ କୁର୍ତ୍ତି ଚୟନ କରନ୍ତୁ। ଏହାସହିତ କଫତାନ୍ କୁର୍ତ୍ତି ଓ ଲଙ୍ଗ ଷ୍ଟ୍ରେଟ୍ କୁର୍ତ୍ତି ପିନ୍ଧିଲେ ପ୍ରଫେଶନାଲ ତଥା ଅଫିସ୍ ଲୁକ୍ ମିଳିଥାଏ।

**ୱାଇଡ୍ ଲେଗ୍‌ଡ ପ୍ୟାଣ୍ଟସ୍**–ଆଜିକାଲି ଏହି ପ୍ୟାଣ୍ଟର ଚାହିଦା ବହୁତ ରହିଛି। ବଲିଉଡ୍‌ର ସେଲିବ୍ରିଟିମାନେ ବି ଏହାକୁ ପିନ୍ଧି କୁଲ୍ ଓ ଷ୍ଟାଇଲିଶ୍ ଲୁକ୍ ପାଉଛନ୍ତି। କଟନ୍‌ଠାରୁ ଆରମ୍ଭ କରି ଡେନିମ୍ ସବୁପ୍ରକାର ଫ୍ୟାବ୍ରିକ୍‌ରେ ଏହା ଉପଲବ୍ଧ ହୁଏ। ଏହା ସହିତ ଶର୍ଟ, ଫିଟେଡ୍ ଟପ୍ସ ଓ କୁର୍ତ୍ତି ପେୟାର୍ କଲେ ଭଲ ଲାଗେ। ହାଇଟ୍ କମ୍ ହୋଇଥିଲେ ଅଧିକ ଫ୍ଲେୟର୍ଡବାଲା ପ୍ୟାଣ୍ଟ ବାଛନ୍ତୁ ନାହିଁ। ଏହାସହ ହାଇ ହିଲ୍ ପିନ୍ଧି କମ୍ପ୍ଲିଟ୍ ଲୁକ୍ ପାଆନ୍ତୁ।

**ପ୍ଲାଜୋ**– ବେଶ୍ କମ୍ଫର୍ଟେବୁଲ୍ ଏହି ବଟମ୍। ଏହାକୁ ଟି-ଶର୍ଟ, ଅବା ଶର୍ଟକୁ ଟକ୍ ଇନ୍ କରି ଏବଂ କୁର୍ତ୍ତି ସହ ବି ପିନ୍ଧିପାରିବେ। କହିବାକୁଗଲେ ଏହାକୁ ବିଭିନ୍ନ ପ୍ରକାର ଟପ୍ସ ସହ କ୍ୟାରୀ କରାଯାଇପାରେ। ତେବେ ଶର୍ଟ କୁର୍ତ୍ତି ଅବା ଟପ୍ସ ସହ ଏହା ବେଶି ଭଲ ଲାଗେ। କାରଣ ଏହାଦ୍ୱାରା ପ୍ୟାଣ୍ଟର ଷ୍ଟାଇଲ୍ କଭର୍ ହୋଇ ନ ଥାଏ। କୁଲ, କାଜୁଆଲ୍ ଆଉଟିଂ ପାଇଁ ପ୍ରିଣ୍ଟେଡ୍ ପ୍ଲାଜୋ ଭଲ ଅପ୍ସନ।

**ଧୋତି ପ୍ୟାଣ୍ଟସ୍**– ପଟିଆଲା ସଲୱାର୍‌କୁ ଟିକେ ବ୍ରେକ୍ ଦେଇ ଏହା ସହିତ ସାମଞ୍ଜସ୍ୟ ଥିବା ଧୋତି ପ୍ୟାଣ୍ଟସ୍‌କୁ ଆପଣେଇ ଟ୍ରେଣ୍ଡି ଲୁକ୍ ପାଆନ୍ତୁ। ଏହାକୁ ଧଳା ଶର୍ଟ ସହ ଟକ୍ ଇନ୍ କରି ପିନ୍ଧନ୍ତୁ। ଆଉ ପାଆନ୍ତୁ ଏକ ଷ୍ଟାଇଲିଶ ଲୁକ୍। ଲୁକ୍‌କୁ ଚଙ୍କି ନେକ୍‌ପିସ୍‌ରେ କମ୍ପ୍ଲିଟ୍ କରନ୍ତୁ। ଯଦି ଏହା ସହ କୁର୍ତ୍ତି ପିନ୍ଧିବାକୁ ଚାହୁଁଛନ୍ତି ତେବେ ତାହା ପ୍ରପର୍ ଫିଟିଂର ଓ ହିପ୍ ଲେନ୍ଥର ହେବା ଜରୁରୀ। ଯଦି ଆପଣଙ୍କ ଶରୀର ପିୟର୍ ଶେପ୍‌ର ତେବେ ଏହି ପ୍ୟାଣ୍ଟକୁ ଆଭଏଡ୍ କରନ୍ତୁ। କାରଣ ଏହାକୁ ପିନ୍ଧିଲେ ହିପ୍ ଏରିଆ ଅଧିକ ମୋଟା ଲାଗିବ।






ପୂଜା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ପ୍ରାର୍ଥନା

ସ୍ୱାମୀ ସ୍ତ୍ରୀଙ୍କୁ- ସବୁଦିନ ସକାଳୁ ଆଖି ଖୋଲୁ ଖୋଲୁ ମୁଁ ଠାକୁରଙ୍କୁ ପ୍ରାର୍ଥନା କରେ-ସେ ସମସ୍ତଙ୍କୁ ତୁମରି ଭଳି ସ୍ତ୍ରୀ ଦିଅନ୍ତୁ।
ସ୍ତ୍ରୀ ଖୁସିରେ- ସତରେ !
ସ୍ୱାମୀ-ହଁ। ଏକୁଟିଆ ମୁଁ ହିଁ କାହିଁକି ଦୁଃଖି ରହିବି ? ସେଇଥିପାଇଁ।

## ଭଉଣୀ


ସ୍ୱାମୀ ବହୁତ ଧୀର ସ୍ୱରରେ ଅନେକ ସମୟଧରି ଫୋନ୍‌ରେ ଗପୁ ଥାଆନ୍ତି। ତାକୁ ଦେଖି ସ୍ତ୍ରୀ- ତମେ ଏତେ ସମୟ ଧରି ଚୁପି ଚୁପି କାହା ସହ କଥା ହେଉଛ ?
ସ୍ୱାମୀ- ଆରେ ଭଉଣୀ ସହ।
ସ୍ତ୍ରୀ- ଭଉଣୀ ସହ ତ ଗପୁଛ, ତା'ହେଲେ ଚୋରଙ୍କ ଭଳିଆ କାହିଁକି କଥା ହେଉଛ ?
ସ୍ୱାମୀ- ସେ ମୋ ଭଉଣୀ ନୁହଁ, ତୁମ ଭଉଣୀ।


## ନାମ

ପୁଅଘର ଝିଅ ଦେଖିବାକୁ ଆସିଥାଆନ୍ତି।
ପୁଅଘର- ଆପଣଙ୍କ ଝିଅର ନାମ କ'ଣ ?
ଝିଅଘର-ଆମର ପ୍ୟାରୀ, ସମସ୍ତଙ୍କ ପ୍ୟାରୀ... ରାମପ୍ୟାରୀ। ତେବେ ଆପଣଙ୍କ ପୁଅର ନାମ କ'ଣ ?
ପୁଅଘର-ଆମର ଗୁ, ତୁମର ଗୁ, ସମସ୍ତଙ୍କ ଗୁ...ଜଗୁ।



# ବାନେରଘାଟ ରାଷ୍ଟ୍ରୀୟ ଉଦ୍ୟାନ







**ବେଙ୍ଗାଲୁରୁସ୍ଥିତ ବାନେରଘାଟ ରାଷ୍ଟ୍ରୀୟ ଉଦ୍ୟାନରେ ବିରଳ ପଶୁପକ୍ଷୀଙ୍କ ସମେତ ଜାତିଜାତିକା ପ୍ରଜାପତି ଦେଖିବାର ସୁଯୋଗ ରହିଛି। ତା'ଛଡ଼ା ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଟ୍ରେକିଂ ଓ ହାଇକିଂର ସୁବିଧା ସହିତ ସଫାରି ବ୍ୟବସ୍ଥା ମଧ୍ୟ ଏଠାରେ କରାଯାଇଛି।**

କର୍ଣାଟକର ରାଜଧାନୀ ବେଙ୍ଗାଲୁରୁଠାରୁ ପ୍ରାୟ ୨୨ କି.ମି ଦୂରରେ ରହିଛି ବାନେରଘାଟ ରାଷ୍ଟ୍ରୀୟ ଉଦ୍ୟାନ। ସୂଚନାନୁଯାୟୀ, ୧୯୭୦ ମସିହାରେ ଗଢିଉଠିଥିବା ଏହି ଉଦ୍ୟାନଟିକୁ ୧୯୭୪ ମସିହାରେ ରାଷ୍ଟ୍ରୀୟ ଉଦ୍ୟାନର ମାନ୍ୟତା ମିଳିଥିଲା। ପ୍ରାୟ ୨୬୦.୫୧ ବର୍ଗକି.ମି. ପରିସୀମା ବ୍ୟାପ୍ତ ଉକ୍ତ ଉଦ୍ୟାନର କିଛି ଅଂଶକୁ ନେଇ ୨୦୦୨ରେ ଏକ ଜୈବିକ ଉଦ୍ୟାନ ଏଠାରେ ଗଢି ଉଠିଲା, ଯାହାର ନାମ ରଖାଗଲା ବାନେରଘାଟ ଜୈବ ଉଦ୍ୟାନ। କେବଳ ସେତିକି ନୁହେଁ, ଏହି ରାଷ୍ଟ୍ରୀୟ ଉଦ୍ୟାନ ମଧ୍ୟରେ ଏକ ଚିଡ଼ିଆଖାନା, ଏକ ପ୍ରାଣୀ ପୁନରୁଦ୍ଧାର କେନ୍ଦ୍ର, ଏକ ପ୍ରଜାପତି ଉଦ୍ୟାନ, ଏକ ଆକ୍ୱାରିୟମ୍, ଏକ ସାପ ଗୃହ ଏବଂ ଏକ ସଫାରି ପାର୍କ ଥିବାର ମଧ୍ୟ ଦେଖିବାକୁ ମିଳିଥାଏ।

## କେବେ ଯିବେ

ବର୍ଷର ସବୁ ସମୟରେ ବୁଲିଯିବାର ସୁବିଧା ଏଠାରେ ରହିଛି। ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ବର୍ଷସାରା ଏଠାକାର ଜଳବାୟୁ ବେଶ୍ ଅନୁକୂଳ ରହିଥାଏ। ବର୍ଷା ବି ଏଠାରେ ବାର୍ଷିକ ୭୦୦ ମି.ମି. ହେଉଥିବାର ରେକର୍ଡ ରହିଛି। ତେବେ ବର୍ଷାଦିନେ ଗଲେ ପଶୁପକ୍ଷୀଙ୍କୁ ହୁଏତ ନିକଟରୁ ଦେଖିବାର ସୁଯୋଗ ନ ମିଳିପାରେ। ତେଣୁ ଏହି ଦୃଷ୍ଟିରୁ ଅକ୍ଟୋବରରୁ ଜୁନ୍ ହେଉଛି ଏଠାକୁ ପର୍ଯ୍ୟଟନରେ ଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ।

## କେମିତି ଯିବେ

ଏହି ରାଷ୍ଟ୍ରୀୟ ଉଦ୍ୟାନ ନିକଟକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ବେଙ୍ଗାଲୁରୁ ସହରରୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏଠାକୁ ସିଟି ବସ୍ ହେଉ ଅବା ଅନ୍ୟ ଟୁରିଷ୍ଟ ଯାନବାହନ ଯା'ଆସ କରିଥାଏ। ତେଣୁ ସଡ଼କପଥ, ରେଳପଥ ହେଉ ଅବା ଆକାଶପଥ ମାଧ୍ୟମରେ ପର୍ଯ୍ୟଟକ ପ୍ରଥମେ ଆସି ବେଙ୍ଗାଲୁରୁରେ ପହଞ୍ଚି ସେଠାରୁ ଯେ କୌଣସି ଯାନ ସାହାଯ୍ୟରେ ସୁବିଧାରେ ଯାଇ ବାନେରଘାଟ ରାଷ୍ଟ୍ରୀୟ ଉଦ୍ୟାନରେ ପହଞ୍ଚିପାରିବେ।

## କ'ଣ ଦେଖିବେ

ଏହି ରାଷ୍ଟ୍ରୀୟ ଉନ୍ୟାନରେ ମୁଖ୍ୟତଃ ହାତୀ, ମହାବଳ ବାଘ, ଧଳାବାଘ, ଚିତାବାଘ, ସିଂହ, ଗୟଳ, ବିଲୁଆ, ଭାଲୁ, ଗଧିଆ, କୃଷ୍ଣସାର ମୃଗ, ଚିତ୍ରା ହରିଣ, ବୋବାଉଥିବା ହରିଣ, ଏସିଆର ଲମ୍ବା ଲାଙ୍ଗୁଡ ବିଶିଷ୍ଟ ମାଙ୍କଡ, ଭାରତ ଓ ଦ.ପୂ. ଏସିଆର ଏକ ଜାତୀୟ ମୁଣାପରି ଗାଲ ଥିବା ମାଙ୍କଡ, ଝିଙ୍କ, ଠେକୁଆ, ବାର୍‌ହା, ବଜ୍ରକାପ୍ତା ଇତ୍ୟାଦିଙ୍କୁ ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ଜାତିଜାତିକା ପକ୍ଷୀ ବି ଏଠାରେ ଦେଖାଯାଇଥାନ୍ତି। ସେହିପରି ଉଦ୍ୟାନ ମଧ୍ୟରେ ଥିବା ସର୍ପ ଗୃହରେ ବି ବିଭିନ୍ନ ପ୍ରଜାତିର ସାପ ଦେଖିବାର ସୁଯୋଗ ପାଇଥାନ୍ତି ପର୍ଯ୍ୟଟକ।

**ପ୍ରଜାପତି ଉଦ୍ୟାନ:** ସୂଚନାନୁଯାୟୀ, ୨୦୦୬ ମସିହାରେ ଏହି ରାଷ୍ଟ୍ରୀୟ ଉଦ୍ୟାନ ମଧ୍ୟରେ ଏକ ସ୍ୱତନ୍ତ୍ର ପ୍ରଜାପତି ଉନ୍ୟାନ ଖୋଲା ଯାଇଥିଲା। ଉଦ୍ୟାନର ପରିସୀମା ମଧ୍ୟରୁ ପ୍ରାୟ ୩୦ ହଜାର ବର୍ଗ ମି. ଅଞ୍ଚଳକୁ ନେଇ ଏହି ପ୍ରଜାପତି ଉଦ୍ୟାନଟି ଖୋଲାଯାଇଛି। ଯେଉଁଥିରେ ରହିଛି ଏକ ପ୍ରଜାପତି ସଂରକ୍ଷଣ କେନ୍ଦ୍ର, ଏକ ମ୍ୟୁଜିୟମ୍ ଏବଂ ଗୋଟିଏ ଅଡିଓ-ଭିଜୁଆଲ୍ ରୁମ୍। ଏଠାରେ ପର୍ଯ୍ୟଟକ ରଙ୍ଗବେରଙ୍ଗର ଜାତିଜାତିକା ପ୍ରଜାପତି ଦେଖିବା ସହ ସେମାନଙ୍କ ବିଷୟରେ ଅନେକ ତଥ୍ୟ ମଧ୍ୟ ସଂଗ୍ରହ କରିପାରିବେ।

## ସଫାରିର ମଜା ସହ ଟ୍ରେକିଂ ଓ ହାଇକିଂର ସୁବିଧା

ବାନେରଘାଟ ରାଷ୍ଟ୍ରୀୟ ଉଦ୍ୟାନ ଭିତରେ ସଫାରିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହି ସଫାରିରେ ମୁଖ୍ୟତଃ ଚିତ୍ରା ହରିଣ, ଭାଲୁ, ସିଂହ, ଧଳା ବାଘ ଓ ମହାବଳ ବାଘଙ୍କୁ ନିକଟରୁ ଦେଖିବାର ସୁଯୋଗ ରହିଛି। ସେହିପରି ଉଦ୍ୟାନ ମଧ୍ୟରେ ଏମିତି ବି କିଛି ସ୍ଥାନ ଅଛି, ଯେଉଁଠାରେ ପର୍ଯ୍ୟଟକ ଟ୍ରେକିଂ ଓ ହାଇକିଂର ମଜା ନେଇପାରିବେ ।









# ତଳେ ମୃତ୍ୟୁ, ଉପରେ ବିବାହ


ବିବାହକୁ ସ୍ମରଣୀୟ ଓ ଅଭୁଲା କରିବା ପାଇଁ ଆଜିକାଲି ଯୁବତୀଯୁବକମାନେ ଅଜବ ତରିକା ଆପଣଉଛନ୍ତି। ସେଥିମଧ୍ୟରୁ କିଛିଟା ବେଶ୍ ମଜାଦାର ହୋଇଥିବାବେଳେ ଆଉ କିଛିରେ ଥାଏ ଜୀବନ ପ୍ରତି ବିପଦ। ତଥାପି ଏଭଳି ବିବାହ ଯେମିତି ଏକ ଟ୍ରେଣ୍ଡ ପାଲଟିଗଲାଣି। 'ପିପଲ୍ସ ଆଣ୍ଡ ଦି ଇଣ୍ଡିପେଣ୍ଡେଣ୍ଟ'ର ଖବର ଅନୁସାରେ ଆମେରିକାର କାଲିଫର୍ନିଆରେ ରହୁଥିବା ଏକ ଯୋଡ଼ି ଉଟାହର ମୋଆବରେ ଥିବା ଏକ ବିଶାଳ ତଥା ୪୦୦ ଫୁଟ୍ ଗଭୀର ଘାଇ ଉପରେ ସ୍ପେସ୍ ନେଟ୍ ଲଗାଇ, ସେହି ନେଟ୍ ବା ଜାଲି ଉପରେ ରହି ବିବାହର ସମ୍ପୂର୍ଣ୍ଣ ରୀତିନୀତି ପାଳନ କରିଛନ୍ତି। ଯଦିଓ ସେମାନଙ୍କ ବିବାହ ଗତବର୍ଷ ନଭେମ୍ବରରେ ହୋଇଛି, ହେଲେ ଏବେ ସେମାନେ ଏହି ରୋମାଞ୍ଚକର ବିବାହର ଫଟୋ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଛନ୍ତି। ଆଉ ଚାହୁଁ ଚାହୁଁ ତାହା ଭାଇରାଲ ହୋଇଯାଇଛି। ଏଭଳି ବିପଜ୍ଜନକ ବିବାହ କରିଥିବା ଦମ୍ପତି ପେସାରେ ବି ଆଡଭେଞ୍ଚରସ୍। ଦୁହେଁ ପେସାଗତ ସ୍ଲେକଲାଇନର ବା ଦଉଡ଼ି ଉପରେ ଚାଲି ଖେଳ ଦେଖାନ୍ତି। ଖାସ୍ ସେଇଥିପାଇଁ ଦୁହେଁ ଏଭଳି ବିପଜ୍ଜନକ ସ୍ଥାନକୁ ବିବାହ ପାଇଁ ଚୟନ କରିଥିଲେ। ଏହି ଦମ୍ପତି ମଧ୍ୟରେ ବରଙ୍କ ନାମ ହେଉଛି ରାୟନ୍ ଜେକ୍ସ ଓ କନ୍ୟା ହେଉଛନ୍ତି କିମ୍ବର୍ଲି ୱେଲଗିନ୍। ବରକନ୍ୟା ଘାଇର ମଧ୍ୟଭାଗସ୍ଥ ମୁଖ୍ୟ ଜାଲିକୁ ବନ୍ଧାଯାଇଥିବା ସରୁ ଦଉଡ଼ି ଉପରେ ଚାଲି ଚାଲି ପହଞ୍ଚିଥିଲେ। ଆଉ ସେମାନଙ୍କ ବନ୍ଧୁ ଓ ପାଦ୍ରୀ ମଧ୍ୟଭାଗର ମୁଖ୍ୟ ଜାଲିକୁ ଲଗାଇ ବନ୍ଧାଯାଇଥିବା ଅନ୍ୟ ଏକ ଜାଲିର ରାସ୍ତାରେ ଚାଲି ଚାଲି ଯାଇ ବିବାହସ୍ଥଳରେ ପହଞ୍ଚିଥିଲେ। ପାରାସୁଟ୍ ମାଧ୍ୟମରେ ୧୦ଜଣ ଫ୍ଲାୱାର ଗର୍ଲ ଉଡ଼ି ଉଡ଼ି ବରକନ୍ୟାଙ୍କ ଉପରେ ଫୁଲ ପକାଇଥିଲେ। ତେବେ କେବଳ ସେମାନଙ୍କ ବିବାହ ନିଆରା ଓ ରୋମାଞ୍ଚକର ନ ଥିଲା ରିସେପ୍ସନ ବି ଥିଲା ବେଶ୍ ରୋମାଞ୍ଚକର। ଆଉ ତାହାକୁ ମରୁଭୂମିରେ କରାଯାଇଥିଲା।







## କାର୍ଟୁନ କର୍ନର



# ସତ୍ୟ ସବୁଠି ଫିଟ୍

ଅଭିନୟ ଆଉ ସତ୍ୟ – ଏ ଦୁହେଁ ପରସ୍ପରର ପରିପୂରକ। ଏମିତି କହିଲେ ଆହୁରି ବେଶି ଠିକ୍ ହେବ ଯେ, ସତ୍ୟଙ୍କର ଜନ୍ମ କେବଳ ଅଭିନୟ କରିବା ପାଇଁ। କୌଣସି ପରିସ୍ଥିତିରେ ପଡ଼ି ସେ ଅଭିନୟକୁ ଆସିନାହାନ୍ତି। ବରଂ ଅଭିନୟ ପ୍ରେମରେ ପଡ଼ି ସେ ଅଭିନୟ କ୍ଷେତ୍ରରେ ପାଦ ଥାପିଛନ୍ତି। ପ୍ରଥମେ ଆଲବମ୍, ପରେ ସିରିଏଲ୍ ଓ ଫିଲ୍ମ ଏବଂ ଏବେ ଅପେରାରେ ଯୋଗଦେଇ ସତ୍ୟ ଏହାର ପ୍ରମାଣ ଦେଇଛନ୍ତି। ଗତ ଯାତ୍ରା ସିଜନରେ 'ତୁଳସୀ' ଗଣନାଟ୍ୟର ଲୋକପ୍ରିୟ ନାଟକ 'ଲୁହରେ ଲୁହରେ ଲଭ୍ ଷ୍ଟୋରି'କୁ ସଫଳ କରିବାରେ ସତ୍ୟଙ୍କର ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏଥର ମଧ୍ୟ ତୁଳସୀରେ ସେ ତାଙ୍କ ଅଭିନୟର ଯାତ୍ରା ଜାରି ରଖିଛନ୍ତି। ଚଳିତ ସିଜନ (ରିପୋର୍ଟ ଲେଖାଯିବା ଦିନ ପର୍ଯ୍ୟନ୍ତ)ରେ ସତ୍ୟ ଦୁଇଟି ନାଟକରେ ଅଭିନୟ କରିଛନ୍ତି। ଗୋଟିଏ ୟୁନିକ୍ ପ୍ରଦୀପ ବେହେରାଙ୍କ 'ସୀତା ଦେବେ ଆଜି ଅଗ୍ନିପରୀକ୍ଷା' ଏବଂ ଅନ୍ୟଟି ହେଉଛି ଲିଟିଲ୍ ମାଷ୍ଟର ବିନୋଦ ରାଉତଙ୍କ 'ମାୟାଜାଲ'। ଦୁଇଟି ନାଟକରେ ସତ୍ୟଙ୍କର ରହିଛି ଦୁଇଟି ଭିନ୍ନ ଧରଣର ଭୂମିକା। 'ସୀତା ଦେବେ ଆଜି ଅଗ୍ନିପରୀକ୍ଷା'ରେ ସତ୍ୟ ନାୟକ ଭୂମିକା ନିର୍ବାହ କରିଥିବା ବେଳେ 'ମାୟାଜାଲ'ରେ ସତ୍ୟଙ୍କର ଭୂମିକା ନେଗେଟିଭ୍। ପ୍ରଥମ ନାଟକରେ ସତ୍ୟଙ୍କର ଚରିତ୍ରର ନାମ ପ୍ରଦୋଷ ; ଯିଏ ନିଜ ଲୋକଙ୍କ ଦ୍ୱାରା ପ୍ରତାରଣାର ଶିକାର ହୁଏ। କେହି ତାକୁ ବୁଝନ୍ତିନି। ସମସ୍ତେ ତାକୁ ସନ୍ଦେହ କରନ୍ତି। ଦ୍ୱିତୀୟ ନାଟକ 'ମାୟାଜାଲ'ରେ ଠିକ୍ ଅପୋଜିଟ୍। 'ମାୟାଜାଲ'ରେ ସେ ଜଣେ ବିପଥଗାମୀ ଯୁବକ। ଟଙ୍କା ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ। ଏମିତିକି ମା'ର କିଡ୍‌ନୀ ବି କାଢ଼ିନେବାକୁ ସେ ତୟାର। ଦୁଇଟି ଯାକ ଚରିତ୍ର ଦମ୍‌ଦାର। ଏ ଦୁଇଟି ଭିନ୍ନ ତଥା ବିପରୀତଧର୍ମୀ ଚରିତ୍ରରେ ଅଭିନୟକରି ସତ୍ୟ ଜଣାଇଛନ୍ତି ଯେ, ସେ ସବୁ ପ୍ରକାର ଭୂମିକା ପାଇଁ ଫିଟ୍। ସତ୍ୟଙ୍କ ମତରେ : ଏହି ଦୁଇଟି ଚରିତ୍ର ହେଉଛନ୍ତି ଆଜିକାର ସଂସାରର ନିଚ୍ଛକ ପ୍ରତିଛବି। ଚରିତ୍ର ଦୁଇଟି ଭିତରେ ସାମାଜିକ ବାସ୍ତବତା (ସୋସିଓ–ରିଏଲିଜମ୍) ପ୍ରତିଫଳିତ ହୋଇଛି। ଦର୍ଶକଙ୍କ ପାଇଁ ମଧ୍ୟ ଅନେକ କିଛି ଶିଖିବାକୁ ରହିଛି। ଆଉ ସବୁଠୁ ବଡ଼କଥା ତାଙ୍କର ଦକ୍ଷତାକୁ ପ୍ରୁଫ୍ କରିବା ପାଇଁ ଏହି ଦୁଇଟି ଚରିତ୍ରରେ ଭରପୂର ସୁଯୋଗ ରହିଛି ବୋଲି ଜଲିଉଡ୍‌ର ଏହି ପ୍ରତିଭାଧର ନାୟକଙ୍କ ମତ।


ସତ୍ୟ


ଲିପି–ଟୁକୁନା

# ହର ଗଢ଼ିଦେଲେ ଯୋଡ଼ି


ଅନନ୍ତ ବରାଳ କହିଲେ କେହି ଚିହ୍ନିବେନି। ମାତ୍ର ଟୁକୁନା ବୋଲି କହିଲେ ସମସ୍ତଙ୍କ ଆଖିରେ ଝଲସି ଉଠିବ ଯାତ୍ରାଜଗତର ଜଣେ ସ୍ୱନାମଧନ୍ୟ ନାୟକଙ୍କ ଚେହେରା। ସେହିଭଳି ନିବେଦିତା ବୋଲି କହିଲେ ହୁଏତ ସମସ୍ତେ ଅଚିହ୍ନା କରିପାରନ୍ତି। ମାତ୍ର ଯଦି କୁହାଯାଏ ଲିପି ତା'ହେଲେ ଯାତ୍ରାପ୍ରେମୀ ନିଶ୍ଚୟ କହିବେ – ଓଃ ! ମଞ୍ଚ ଉପରେ ରାତି ସାରା କନ୍ଦାଉଥିବା ସେହି ଲାସ୍ୟମୟୀ ନାୟିକା। ବାସ୍ତବରେ ଯାତ୍ରାଜଗତର ଏକ ଅତି ପରିଚିତ ତଥା ବହୁଚର୍ଚ୍ଚିତ ଯୋଡ଼ି ନାୟକ ନାୟିକା ଦମ୍ପତି ହେଉଛନ୍ତି ଟୁକୁନା–ଲିପି। ତେବେ ସବୁଠୁ ମଜାର କଥା ହେଉଛି ଏହି ଦୁଇ ପ୍ରତିଭାଧର ଅଭିନେତା ଓ ଅଭିନେତ୍ରୀଙ୍କୁ ଯାତ୍ରା ରଙ୍ଗମଞ୍ଚରୁ ନେଇ ସଂସାର–ମଞ୍ଚରେ ଏକତ୍ର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଯାତ୍ରା ତଥା ସିନେମା ଜଗତର କିମ୍ବଦନ୍ତୀ ପୁରୁଷ ସ୍ୱର୍ଗତ ହର ପଟ୍ଟନାୟକ। ଏ ବାବଦରେ ଟୁକୁନା କହନ୍ତି ,ସେ ଧରିତ୍ରୀ ଅପେରାରେ ଥାଆନ୍ତି। ତାଙ୍କର ଗୁରୁ ସ୍ୱର୍ଗତ ହର ପଟ୍ଟନାୟକ ମଧ୍ୟ ସେଠାରେ ଅଭିନୟ କରୁଥାନ୍ତି। ଲିପି ଶିବାନୀ ଗଣନାଟ୍ୟରୁ ଆସି ଯୋଗ ଦେଇଥାନ୍ତି ଧରିତ୍ରୀ ଅପେରାରେ। ଅଭିନୟ କରିବା ଭିତରେ କେତେବେଳେ ଯେ ସେମାନେ ପ୍ରେମିକ ପ୍ରେମିକା ପାଲଟିଗଲେ ସେକଥା ଖୋଦ୍ ସେମାନଙ୍କୁ ମଧ୍ୟ ଜଣା ନ ଥିଲା। ତେବେ ମାଟିକୁ ଶୁଙ୍ଘି ସୁନାର ସନ୍ଧାନ ଦେଇପାରୁଥିବା ଜଣେ ସଫଳ ଜହୁରି ଥିଲେ ହର ପଟ୍ଟନାୟକ। ସେ ଜାଣି ନେଇଥିଲେ ଯେ, ଟୁକୁନା ଓ ଲିପିଙ୍କ ହୃଦୟରେ ଉଭୟଙ୍କ ପାଇଁ ପ୍ରେମର ଅଙ୍କୁରୋଦ୍‌ଗମ ହୋଇସାରିଛି। କେବଳ ଉପଯୁକ୍ତ ପରିବେଶ ଦରକାର ତାହା ଗଜାହୋଇ ବାହାରିବା ପାଇଁ। ସୁଯୋଗକୁ ହାତଛଡ଼ା କରି ନ ଥିଲେ ହର। କଥାରେ କଥାରେ, ହସରେ ମଜାରେ, ଗୁଲି ଗମାତରେ ହର ଟୁକୁନା–ଲିପିଙ୍କ ପ୍ରେମକୁ ଉପଯୁକ୍ତ ଜଳବାୟୁ ଯୋଗେଇଦେଇଥିଲେ। ଏମିତିକି, ସେମାନଙ୍କ ପ୍ରେମକୁ ଉପଲକ୍ଷ୍ୟକରି ଗୋଟିଏ ନାଟକର ସେ ଟାଇଟଲ ରଖିଥିଲେ 'ଲୁଚିଛି ନା ଗୋଡ଼ ଦି'ଟି ଦିଶୁଛି'। ନା, ଆଉ ବେଶିଦିନ ଲୁଚିପାରି ନ ଥିଲେ ଟୁକୁନା ଲିପି। ପରସ୍ପରକୁ ଜୀବନସାଥୀ କରି ନେଇଥିଲେ। ଟୁକୁନାଙ୍କ ପାଇଁ ଲିପି କେବଳ ଜଣେ ଭଲ ଅଭିନେତ୍ରୀ ନୁହନ୍ତି ; ସେ ଜଣେ ଖୁବ୍ ଭଲ ମଣିଷ। ଟୁକୁନା କହନ୍ତି, ଘରର ସବୁ ଦାୟିତ୍ୱ ଲିପି ତୁଲାନ୍ତି। ଆଜି ଯଦି ସେ ବିନ୍ଦାସ ଜୀବନ ବିତାଉଛନ୍ତି ତା'ହେଲେ ତାହାର ସବୁତକ ଶ୍ରେୟ ଯିବ ଲିପିଙ୍କୁ। ସମ୍ପ୍ରତି ଏହି ଯୋଡ଼ି ହେଉଛନ୍ତି ଯାତ୍ରା ଇନ୍ଦ୍ରଭୁବନର 'ଆସେଟ୍'। ଚଳିତବର୍ଷ ସେମାନେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି, 'ଭାଇଭଉଣୀର ନୂଆ କାହାଣୀ', 'ଭଲପାଇ କିଏ ଭଲରେ ଅଛି' ଏବଂ 'ବୁଧବାର ଦିନ ବାପା ମରିବେ'।


# ପୁଣି ଫେରୁଛି ଭାଗବତ ଟୁଙ୍ଗି

ଓଡ଼ିଆ ଅସ୍ମିତାର ପରିଚୟ ଯଦି ଖୋଜାଯାଏ ତା'ହେଲେ ତାହା ଗୋଟିଏ ସ୍ଥାନରେ ମିଳିବ। ସେହି ସ୍ଥାନଟି ହେଉଛି 'ଭାଗବତ ଟୁଙ୍ଗି'। ଭାଗବତ ଟୁଙ୍ଗି କେବଳ ଗୋଟିଏ ଘର ନୁହେଁ, ଯେଉଁଠି ଭାଗବତ ପଢ଼ାଯାଏ। ବରଂ ତାହା ହେଉଛି ଏକ ପୀଠ ଯେଉଁଠି ଓଡ଼ିଆମାନଙ୍କ ସୌହାର୍ଦ୍ଦ୍ୟର ବୀଜବପନ କରାଯାଏ। ସମୟ ଥିଲା ଯେତେବେଳେ କର୍ମକ୍ଳାନ୍ତ ମଣିଷ ସନ୍ଧ୍ୟାରେ ଭାଗବତ ଟୁଙ୍ଗିକୁ ଆସୁଥିଲା, ନିଜ ପରର ଭେଦଭାବ ଭୁଲି ସମସ୍ତଙ୍କ ସହିତ ବସି ଭାଗବତ ଶୁଣି ଘରକୁ ଫେରୁଥିଲା। ଏତଦ୍ୱାରା ଜୀବନରେ ଶାନ୍ତି ପ୍ରତିଷ୍ଠା ହେବା ସହିତ ସମାଜରେ ମଧ୍ୟ ଶୃଙ୍ଖଳା ସଦ୍‌ଭାବ ରହିପାରୁଥିଲା। ମାତ୍ର ସମୟକ୍ରମେ ଭାଗବତ ଟୁଙ୍ଗିର ପରମ୍ପରା ହ୍ରାସ ପାଇଯାଇଛି। ତେବେ ଏବେ ପୁଣିଥରେ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ଭାଗବତ ଟୁଙ୍ଗିର ପରମ୍ପରା। ଏହାକୁ ଆରମ୍ଭ କରିଛନ୍ତି ଲେଖକ, ଗୀତିକାର ତଥା ପରିବେଶବିତ୍ ବଦ୍ରି ମିଶ୍ର। ୨୦୧୫ ନବକଳେବରଠାରୁ ସେ ପ୍ରତିବର୍ଷ ଭାଗବତ ସେଟ୍ କିଣି ଭାରତର ବିଭିନ୍ନ ସ୍ଥାନରେ ଥିବା ଓଡ଼ିଆମାନଙ୍କୁ ଯୋଗାଉଛନ୍ତି। ଆଉ ସେଠାରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା କରୁଛନ୍ତି। ଚଳିତବର୍ଷ ହିମାଚଳ ପ୍ରଦେଶର ଖୁଫ୍ରିଠାରେ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇଛି। ସେ ସେଠାରେ ନିଜେ ମଧ୍ୟ ଭାଗବତ ପାଠ କରି ଏହାର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ହୃତ ପରମ୍ପରା ଓ ଅପସୃୟମାଣ ସଂସ୍କୃତିକୁ ପୁନରୁତ୍‌ଥାନ କରିବାର ଏହା ଏକ ସାଧୁ ପ୍ରୟାସ ବୋଲି କୁହାଯାଇପାରେ। ତାଙ୍କ ମତରେ ଭାଗବତ ଜ୍ଞାନ ହେଉଛି ଏମିତି ଏକ ଜ୍ଞାନ ଯାହା ମଣିଷକୁ ବାସ୍ତବ ଶାନ୍ତି ପ୍ରଦାନ କରିପାରିବ। ଆଉ ଏବେକାର ମଣିଷ ପାଇଁ ଶାନ୍ତି ଏକ ନିତାନ୍ତ ପ୍ରୟୋଜନୀୟ ସାମଗ୍ରୀ।


ବଦ୍ରି ମିଶ୍ର

ବ୍ୟାକ୍ ପେଜ୍






# ଭାରତରେ ଅଛି ପୃଥିବୀର ଦ୍ୱିତୀୟ ଦୀର୍ଘତମ ପ୍ରାଚୀର

ଚାଇନାରେ ବିଶ୍ୱର ଦୀର୍ଘତମ ପ୍ରାଚୀର ରହିଛି। ଯାହା ଗ୍ରେଟ୍ ୱାଲ୍ ଅଫ୍ ଚାଇନା ନାମରେ ପରିଚିତ। ପଞ୍ଚମ ଶତାବ୍ଦୀରେ ନିର୍ମିତ ଏହି ପ୍ରାଚୀର ପୃଥିବୀର ସପ୍ତମ ଆଶ୍ଚର୍ଯ୍ୟ ମଧ୍ୟରେ ଅନ୍ୟତମ। ତେବେ ବହୁତ କମ୍ ଜାଣନ୍ତି ଯେ, ପୃଥବୀର ଦ୍ୱିତୀୟ ଦୀର୍ଘତମ ପ୍ରାଚୀର ଭାରତରେ ଅଛି ବୋଲି। ଆଉ ତାହା ରାଜସ୍ଥାନର କୁମ୍ଭଲଗଡ଼ ଦୁର୍ଗରେ ଅଛି। ରାଜସ୍ଥାନର ରାଜସମନ୍ଦ ଜିଲାରେ ଥିବା ଏହି ଦୁର୍ଗର ନିର୍ମାଣ ରାଣା କୁମ୍ଭା କରାଇଥିଲେ। ଏହି ଦୁର୍ଗ 'ଅଜୟଗଡ଼' ନାମରେ ପ୍ରସିଦ୍ଧ ଥିଲା। ଏହାର ଚତୁଃପାର୍ଶ୍ୱରେ ଏକ ବଡ଼ ପ୍ରାଚୀର ତିଆରି ହୋଇଛି। ଯାହା ଚାଇନାର ପ୍ରାଚୀର ପରେ ବିଶ୍ୱର ଦ୍ୱିତୀୟ  ସବୁଠାରୁ ଲମ୍ବା ପ୍ରାଚୀର । ଉକ୍ତ ଦୁର୍ଗର ଏହି ପ୍ରାଚୀରକୁ ଭେଦ କରିବାର ପ୍ରୟାସ ଆକବର ବି କରିଥିଲେ। କିନ୍ତୁ ଅସଫଳ ହୋଇଥିଲେ। ଏହି ପ୍ରାଚୀରର ମୋଟେଇ ଏତେ ଯେ, ଏହା ଉପରେ ଏକା ଥରକେ ୧୦ଟି ଘୋଡ଼ା ଦୌଡ଼ିପାରିବେ। ସମୁଦ୍ର ପଉନଠାରୁ ୧୧୦୦ ମିଟର ଉଚ୍ଚତାରେ ଆରାବଳୀ ପର୍ବତମାଳାରେ ଏହା ରହିଛି। ଏହାର ଲମ୍ବ ହେଉଛି ୩୬ କି.ମି.। କୁହାଯାଏ ଏହାର ପ୍ରକୃତ ଦୁର୍ଗକୁ  ସମ୍ରାଟ ଅଶୋକଙ୍କ ଦ୍ୱିତୀୟ ପୁତ୍ର ରାଜା ସମ୍ପ୍ରତି ନିର୍ମାଣ କରାଇଥିଲେ। ପରେ ଏହାକୁ ପୁନଃ ନିର୍ମାଣ କରିଥିଲେ ରାଣା କୁମ୍ଭା।



ଯଦି କେବେ ରାସ୍ତାରେ ଗଲାବେଳେ କୌଣସି ଲୋକ ମଝିରାସ୍ତାରେ ଖଟ ପକାଇ ଶୋଇଥିବେ, ତେବେ ଆପଣ ସେହି ଲୋକଙ୍କୁ ନିଶ୍ଚୟ ପାଗଳ କହିବେ। ହେଲେ ଏମିତି ଏକ ସ୍ଥାନ ଅଛି ଯେଉଁଠି ରାସ୍ତାରେ ଏମିତିକା ଅଜବ ଦୃଶ୍ୟ ବର୍ଷକରେ ଥରେ ଦେଖିବାକୁ ମିଳେ। ଏଠି ବର୍ଷକରେ ଥରେ ସ୍ଥାନୀୟ ବାସିନ୍ଦାଙ୍କ ସହ ସାରା ପୃଥିବୀର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକ ମଝି ରାସ୍ତାରେ ଖଟ ପକାଇ ଶୁଅନ୍ତି। ଆଉ ସେହି ଦିନଟି ହେଉଛି ୱାର୍ଲଡ୍ ଲେଜିନେସ୍ ଡେ'। କଲମ୍ବିଆର ଇଟାଗୁଇରେ ପାଳନ ହୁଏ ଏହି ଦିବସ। ଏହିଦିନର ମଜା ଉଠାଇବା ପାଇଁ ପୃଥିବୀର ବିଭିନ୍ନ ସ୍ଥାନରୁ ଲୋକ ଏଠାକୁ ଆସନ୍ତି। ଆଉ ରାସ୍ତାସାରା ଅଳସୁଆଙ୍କ ଭିଡ଼ ଜମିଯାଏ। କୁହାଯାଏ ଏହି ଉତ୍ସବ ପଛରେ ଏକ ରୋଚକ କଥା ରହିଛି। କଲମ୍ବିଆର ଲୋକେ ମାନସିକ ଚାପରୁ ନିସ୍ତାର ପାଇଁ ଏହି ଦିବସ ପାଳନ କରନ୍ତି ; ଯଦ୍ୱାରା ଲୋକେ ନିଜର ସମସ୍ୟାରୁ ବାହାରି ଆରାମରେ ଦିନଟିଏ ବିତାଇପାରିବେ। ୧୯୮୫ରୁ ଏହି ପରମ୍ପରା ଆରମ୍ଭ ହୋଇଛି। କୁହାଯାଏ ମାରିୟୋ ମୋଣ୍ଟୋୟା ନାମକ ଜଣେ ଇଟାଗୁଇର ନିବାସୀ ପ୍ରଥମେ ଚିନ୍ତାକରିଥିଲେ ଯେ, ଲୋକଙ୍କ ପାଇଁ ଆରାମ କରିବାକୁ ଦିନଟିଏ ରହିବା ଜରୁରୀ। ଆଉ ଏହି ଦିବସଟି ଆରମ୍ଭ ହେଲା। ୱାର୍ଲଡ ଲେଜିନେସ୍ ଡେ'ରେ ଭିନ୍ନ ଭିନ୍ନ ପ୍ରତିଯୋଗିତା ବି ଆୟୋଜନ କରାଯାଇଥାଏ।







# ଯେଉଁଠି ରାସ୍ତା ମଝିରେ ଲୋକ ଖଟ ପକାଇ ଶୁଅନ୍ତି